ସକାଳ THE SAKALA
# ସିନ୍ଦୂରା
ରବିବାର
ସେପ୍ଟେମ୍ବର ୧୩-୧୯, ୨୦୨୬
www.sakalaepaper.com

- ଶୂନରୁ ଶିଖର 'ହନୁମାନ ଅଂଶ'
- ବଲିଉଡ୍ ପାଇଁ ନୂଆ ସମ୍ଭାବନା
- ବକ୍ସ ଅଫିସ୍‌ରେ ରେକର୍ଡ
- ରହସ୍ୟମୟ ବାବା
- ଅଭିନୟ ଓ ସଙ୍ଗୀତର ଯାଦୁ






## ରୁପେଲି ପରଦାରେ
# ଆସ୍ଥା ଓ ଆଧ୍ୟାତ୍ମିକତାର ପ୍ରତିଫଳନ





**ଭାରତୀୟ ସନ୍ଥ ପରମ୍ପରାର ଇତିହାସ ଅତ୍ୟନ୍ତ ପ୍ରାଚୀନ ଓ ସମୃଦ୍ଧ । ଅନେକ ସାଧୁସନ୍ଥଙ୍କ ଜନ୍ମଭୂମି ହେଉଛି ଭାରତବର୍ଷ । ଏହି ପବିତ୍ର ଭୂଇଁରେ ଜନ୍ମିତ ସାଧୁ, ସନ୍ନ୍ୟାସୀଙ୍କ ଜୀବନର ଅଲୌକିକ କାହାଣୀ, ଜୀବନ ଦର୍ଶନ, ନିରାଡ଼ମ୍ବର ଜୀବନ ଶୈଳୀ ସମାଜ ପାଇଁ ଏକାନ୍ତ ପ୍ରେରଣାପ୍ରଦ । ସେଭଳି ଜଣେ ସନ୍ଥ ହେଉଛନ୍ତି ନିମ କରୋଲି ବାବା । ବାବାଙ୍କ ଜୀବନ ଓ ଆଧ୍ୟାତ୍ମିକ ଯାତ୍ରାକୁ ନେଇ ନିର୍ମିତ ହୋଇଛି 'ହନୁମାନ ଅଂଶ' ଚଳଚ୍ଚିତ୍ର । ସିନେ ଦର୍ଶକଙ୍କ ହୃଦୟ ଜିଣିବାରେ ସଫଳ ହୋଇଛି ଏହି ସିନେମାଟି । ପ୍ରାୟ ଦୁଇ କୋଟି ଟଙ୍କା ବଜେଟ୍‌ରେ ନିର୍ମିତ ଏହି ସିନେମା ଶହେ କୋଟି କ୍ଲବ୍‌ରେ ସାମିଲ ହୋଇ ସାରିଲାଣି । ଆଉ ଦିନ କେଇଟା ପରେ ଏହାର ଆୟ ୨୦୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ସିନେ ସମୀକ୍ଷକମାନ କହୁଛନ୍ତି । 'ହନୁମାନ ଅଂଶ' ଚଳଚ୍ଚିତ୍ରକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।**

ହିନ୍ଦୀ ଚଳଚ୍ଚିତ୍ର 'ହନୁମାନ ଅଂଶ'କୁ ନେଇ ସରଗରମ ଆଲୋଚନା । ଭାରତର ମହାନ ସନ୍ଥ ତଥା ଆଧ୍ୟାତ୍ମିକ ଗୁରୁ ନିମ କରୋଲି ବାବାଙ୍କୁ ନେଇ ନିର୍ମିତ ବାୟୋପିକ୍ 'ହନୁମାନ ଅଂଶ' । ନିମ କରୋଲି ବାବାଙ୍କ ଆଧ୍ୟାତ୍ମିକ ଯାତ୍ରା ଓ ଚମତ୍କାରିତାକୁ ଅତି ସାବଲୀଳ ଭାବେ ଏଥିରେ ପ୍ରଦର୍ଶିତ କରାଯାଇଛି । ବାସ୍ତବ କାହାଣୀ, ଆଧ୍ୟାତ୍ମିକତା, ମାନବୀୟ ଚେତନା, ଭକ୍ତିର ନିଆରା ସମନ୍ୱୟରେ ଚଳଚ୍ଚିତ୍ରଟି ଅଧିକ ଆକର୍ଷଣୀୟ ହୋଇଛି । ଏହା କେବଳ ଏକ ଜୀବନୀ ଆଧାରିତ ଚଳଚ୍ଚିତ୍ର ନୁହେଁ, ବରଂ ମାନବିକତା, ସେବା ଓ ଈଶ୍ୱରଙ୍କ ପ୍ରତି ଗଭୀର ଆସ୍ଥାର କାହାଣୀ । କଳାକାରଙ୍କ ଦମ୍‌ଦାର ଅଭିନୟ, ହୃଦୟସ୍ପର୍ଶୀ ସଙ୍ଗୀତ, ନିଆରା କାହାଣୀ ଚଳଚ୍ଚିତ୍ରକୁ ସଫଳତାର ଶିଖରକୁ ନେଇଯାଇଛି । ସେହିପରି ଏହି ଫିଲ୍ମଟି ଯୁବପିଢ଼ିଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ହୃଦୟକୁ ଛୁଇଁ ପାରିଛି । ଦୁଇ କୋଟି ଟଙ୍କା ବଜେଟ୍‌ରେ ନିର୍ମିତ 'ହନୁମାନ ଅଂଶ' ଆୟରେ ମଧ୍ୟ ବିଗ୍ ବଜେଟ୍ ଫିଲ୍ମର ରେକର୍ଡକୁ ଭାଙ୍ଗି ପାରିଛି । ଏହି ପରିପ୍ରେକ୍ଷୀରେ 'ହନୁମାନ ଅଂଶ' ସଫଳତାର ବିଭିନ୍ନ ଦିଗକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ ।

ପ୍ରସ୍ତୁତି 'ସକାଳ' ବ୍ୟୁରୋ

୨୦୨୬ ଅଗଷ୍ଟ ୭ ତାରିଖରେ ରିଲିଜ୍ ହୋଇଥିଲା 'ହନୁମାନ ଅଂଶ' । ନିମ କରୋଲି ବାବାଙ୍କ ଉପରେ ନିର୍ମିତ ଏହା ଏକ ବାୟୋପିକ୍ । ଉତ୍ତରାଖଣ୍ଡର ନୈନିତାଲ ଅଞ୍ଚଳରେ ଅବସ୍ଥିତ କୈଞ୍ଚି ଧାମର ପ୍ରତିଷ୍ଠାତା ତଥା ଆଧ୍ୟାତ୍ମିକ ଗୁରୁ ବାବା ନିମ କରୋଲି । ବାବାଙ୍କ ନିରାଡ଼ମ୍ବର ଜୀବନ ଶୈଳୀ ଓ ଆଧ୍ୟାତ୍ମିକ ସାଧନାକୁ ନେଇ ଏହି ଚଳଚ୍ଚିତ୍ରର କାହାଣୀ ଗତିଶୀଳ । ବର୍ତ୍ତମାନ ବଲିଉଡ୍‌ର ଅଧିକ ଆୟ କରିଥିବା ସିନେମା ମଧ୍ୟରେ ଅନ୍ୟତମ 'ହନୁମାନ ଅଂଶ' । ପୂର୍ବରୁ ମଧ୍ୟ ବାବା ନିମ କରୋଲିଙ୍କୁ ନେଇ କେତୋଟି ଡକ୍ୟୁମେଣ୍ଟାରୀ ଓ 'ଶ୍ରୀ ବାବା ନିମ କରୋଲି ମହାରାଜ' ନାମରେ ଏକ ସିନେମା ନିର୍ମିତ ହୋଇଥିଲା । କିନ୍ତୁ ଏହାକୁ ନେଇ ସେଭଳି କିଛି ଚର୍ଚ୍ଚା ହୋଇ ନଥିଲା । ତେବେ ଏମିତି କ'ଣ ଅଛି 'ହନୁମାନ ଅଂଶ'ରେ ? ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି । ଫଳରେ ଏହି ବାୟୋପିକ୍ ଦେଖିବାକୁ ଦର୍ଶକଙ୍କ ଭିତରେ ଆଗ୍ରହ ବଢ଼ିବାରେ ଲାଗିଛି ।

ନିମ କରୋଲି ବାବା ହେଉଛନ୍ତି ଭାରତର ଜଣେ ଆଧ୍ୟାତ୍ମିକ ଗୁରୁ । 'ହନୁମାନ ଅଂଶ' ଚଳଚ୍ଚିତ୍ର ରିଲିଜ୍ ହେବା ପରେ ବାବାଙ୍କୁ ନେଇ ଅଧିକ ଆଲୋଚନା ହେଉଛି । ବିଶେଷ କରି ବାବାଙ୍କ ଜୀବନର ସରଳତା, ନମ୍ରତା ଓ ଉଦାରତା ଲୋକଙ୍କୁ ଅଧିକ ପ୍ରଭାବିତ କରୁଛି । ତାଙ୍କ ଜୀବନ ଶୈଳୀ ଥିଲା ଅତି ସାଧାରଣ । କେବଳ ଭାରତର ନୁହେଁ, ବିଦେଶର ଲୋକେ ମଧ୍ୟ ବାବାଙ୍କ ସାଧନା ଆଗରେ ନତମସ୍ତକ ହୋଇଥାଆନ୍ତି । ବାବାଙ୍କ ଆଧ୍ୟାତ୍ମିକ ଜୀବନ ଯାତ୍ରାକୁ ଅତି ମାର୍ମିକ ଭାବେ ରୁପେଲି ପରଦାରେ ଚିତ୍ରିତ କରାଯାଇଛି । ବିଶାଳ ଚତୁର୍ବେଦୀଙ୍କ ଲିଖିତ ଓ ନିର୍ଦ୍ଦେଶିତ 'ହନୁମାନ ଅଂଶ' ଦେଖିବାକୁ ଏବେ ସାରା ଦେଶର ବିଭିନ୍ନ ପ୍ରେକ୍ଷାଳୟରେ ଭିଡ଼ ଲାଗି ରହିଛି । ଶୋଭିନବ ସତ୍ୟା, ବିହାନ୍ ସେଗ୍‌ଡେ, ଚନ୍ଦନ ଆନନ୍ଦ, ପୂର୍ଣ୍ଣିମା ତିୱାରୀ, ଅନିଲ ରାସ୍ତୋଗୀ, ଗୁଲସନ ପାଣ୍ଡେ ପ୍ରମୁଖ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି । ନିଖୁଣ ଅଭିନୟ, ମନଛୁଆଁ ଗୀତ, କାହାଣୀରେ ନୂତନତା, ବାବାଙ୍କ ଜୀବନ ଦର୍ଶନ, ଅଲୌକିକ କାହାଣୀ ଯୋଗୁଁ ସିନେମାଟି ଦର୍ଶକଙ୍କ ହୃଦୟରେ ଗଭୀର ଆଲୋଡ଼ନ ସୃଷ୍ଟି କରିପାରିଛି । ଫିଲ୍ମ ରିଲିଜ୍ ହେବାର ପ୍ରଥମ ଦୁଇ ସପ୍ତାହ ପରେ ଏହାକୁ ଅଧିକ ଦର୍ଶକୀୟ ସ୍ୱୀକୃତି ମିଳିବାରେ ଲାଗିଲା । ସେପଟେ ଚଳଚ୍ଚିତ୍ରଟି ଅଧିକ ଆୟ କରିବାରେ ଲାଗିଛି । କମ୍ ବଜେଟ୍‌ରେ ତିଆରି ହୋଇଥିବା 'ହନୁମାନ ଅଂଶ' ବିଗ୍ ବଜେଟ୍ ଫିଲ୍ମକୁ ମଧ୍ୟ ଟକ୍କର ଦେଇଛି । ସିନେମାର ନାମକରଣ ପଛର କାରଣ ସଂପର୍କରେ ନିର୍ଦ୍ଦେଶକ ବିଶାଳ ଚତୁର୍ବେଦୀ ଏକ ସାକ୍ଷାତକାରରେ ପ୍ରକାଶ କରି କହିଛନ୍ତି ଯେ, "ଗବେଷଣା ସମୟରେ ମୁଁ 'ନିମ କରୋଲି' ଗାଁକୁ ଯାଇଥିଲି । ସେଠାକାର ଲୋକେ ବାବାଙ୍କୁ ଭଗବାନ ହନୁମାନଙ୍କ ଅବତାର ବୋଲି କହନ୍ତି । ଏହି ନାମରୁ ମୁଁ ପ୍ରେରଣା ପାଇ ସିନେମାର ଶୀର୍ଷକ 'ହନୁମାନ ଅଂଶ' ରଖିଥିଲି । ବାବା ସର୍ବଦା ନିଜର ପ୍ରିୟ ଭଜନ ସୀତାରାମ ଗାନ କରୁଥିଲେ । ସେ ତାଙ୍କ ଭକ୍ତମାନଙ୍କୁ ମଧ୍ୟ ସୀତାରାମ ଭଜନ ଗାନ କରିବା ପାଇଁ ପ୍ରବର୍ତ୍ତାଉ ଥିଲେ ।"



> ସିନେମାର ନାମକରଣ ପଛର କାରଣ ସଂପର୍କରେ ନିର୍ଦ୍ଦେଶକ ବିଶାଳ ଚତୁର୍ବେଦୀ ଏକ ସାକ୍ଷାତକାରରେ ପ୍ରକାଶ କରି କହିଛନ୍ତି ଯେ, "ଗବେଷଣା ସମୟରେ ମୁଁ 'ନିମ କରୋଲି' ଗାଁକୁ ଯାଇଥିଲି । ସେଠାକାର ଲୋକେ ବାବାଙ୍କୁ ଭଗବାନ ହନୁମାନଙ୍କ ଅବତାର ବୋଲି କହନ୍ତି । ଏହି ନାମରୁ ମୁଁ ପ୍ରେରଣା ପାଇ ସିନେମାର ଶୀର୍ଷକ 'ହନୁମାନ ଅଂଶ' ରଖିଥିଲି ।

ନିମ କରୋଲି ବାବାଙ୍କ ଚମତ୍କାରିତା ସହିତ ଆଧ୍ୟାତ୍ମିକ ଚେତନା, ମାନବ ସେବା ଆଦି ବିଭିନ୍ନ ମହାନ କାର୍ଯ୍ୟକୁ ରୁପେଲି ପରଦାରେ ଅତି ହୃଦୟସ୍ପର୍ଶୀ ଭାବେ ପ୍ରଦର୍ଶିତ କରାଯାଇଛି । ଏଥିରେ ମନୋରଞ୍ଜନ ବ୍ୟତୀତ ଆସ୍ଥା, ସେବା ଓ ମାନବିକତାକୁ ବେଶ୍ ମାର୍ମିକ ଭାବେ ଚିତ୍ରିତ କରାଯାଇଛି । ବାବାଙ୍କ ଭୂମିକାରେ ଶୋଭିନବ ସତ୍ୟା ଚମତ୍କାର ଅଭିନୟ କରିଛନ୍ତି । ଏହି ଫିଲ୍ମ ମାଧ୍ୟମରେ ତାଙ୍କୁ ବଲିଉଡ୍ ଇଣ୍ଡଷ୍ଟ୍ରୀରେ ଏକ ବଡ଼ ବ୍ରେକ୍ ମିଳିଛି । ନିମ କରୋଲି ବାବାଙ୍କ ଚରିତ୍ରରେ ଶୋଭିନବଙ୍କ ହୃଦୟସ୍ପର୍ଶୀ ଅଭିନୟକୁ ଦର୍ଶକେ ବେଶ୍ ପ୍ରଶଂସା କରୁଛନ୍ତି । 'ହନୁମାନ ଅଂଶ'ର ଜୋରଦାର୍ ପ୍ରମୋସନ୍ ହୋଇ ନଥିଲେ ମଧ୍ୟ ଦର୍ଶକଙ୍କ ଭିତରେ ଏହି ଫିଲ୍ମ ଦେଖିବାକୁ ଆଗ୍ରହ ବଢ଼ିବାରେ ଲାଗିଛି । ଏହି ଫିଲ୍ମରେ ସ୍ୱାଧୀନତା ପୂର୍ବ ଭାରତକୁ ପ୍ରଦର୍ଶିତ କରାଯାଇଛି । ସେହିଭଳି ବାବା କିଭଳି ସାଧାରଣ ମଣିଷରୁ ସାଧକ ହେଲେ, ପୂରା ଭାରତ ପରିଭ୍ରମଣ, ବାବାଙ୍କ ଜୀବନ, ଶିକ୍ଷା, ସାଧନା ଆଦି ପ୍ରସଙ୍ଗରେ ଏହି ସିନେମାରେ ଚିତ୍ରଣ କରାଯାଇଛି । ଅନେକ ଶିକ୍ଷଣୀୟ କଥାବସ୍ତୁ ଓ ସାମାଜିକ ବାର୍ତ୍ତା ଏହି ଚଳଚ୍ଚିତ୍ରରେ ପ୍ରତିଫଳିତ ହୋଇଛି । ମାନବିକତାର ବାର୍ତ୍ତା ଦେଇଛି 'ହନୁମାନ ଅଂଶ' । ସେହିପରି ପ୍ରକୃତ ଭକ୍ତି ହେଉଛି ମଣିଷର ସେବା ଏହା ହିଁ ଏହି ଚଳଚ୍ଚିତ୍ରରେ ପ୍ରଦର୍ଶିତ ହୋଇଛି ।

ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସବୁ ବର୍ଗର ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛି ନିମ କରୋଲି ବାବାଙ୍କ ଉପରେ ନିର୍ମିତ ଏହି ବାୟୋପିକ୍‌ଟି । ସେପଟେ 'ହନୁମାନ ଅଂଶ'ର ଅପୂର୍ବ ସଫଳତାକୁ ଦୃଷ୍ଟିରେ ରଖି ନିର୍ଦ୍ଦେଶକ ଏହାର ସିକ୍ୱେଲ ବା 'ହନୁମାନ ଅଂଶ' ପାର୍ଟ-୨ ନିର୍ମାଣ ସଂପର୍କରେ ଘୋଷଣା କରିଛନ୍ତି । ତେବେ 'ହନୁମାନ ଅଂଶ-୨' ଦର୍ଶକଙ୍କୁ କେତେ ଆକର୍ଷିତ କରିପାରୁଛି ତାହା ଭବିଷ୍ୟତରେ ହିଁ ଜଣାପଡ଼ିବ । ■

# ଶୂନରୁ ଶିଖର 'ହନୁମାନ ଅଂଶ'



ପ୍ରିୟବ୍ରତ ପଣ୍ଡା

**ଏକ ସଫଳ ଚଳଚ୍ଚିତ୍ର ନିର୍ମାଣ ପାଇଁ କ'ଣ ଆବଶ୍ୟକ? ଏ ପ୍ରଶ୍ନ ଯଦି କିଏ ପଚାରେ ତାହେଲେ ହୁଏତ କେହି କହିବେ ବଡ଼ ଷ୍ଟାର୍‌କାଷ୍ଟ, ହାଇ ବଜେଟ୍, ଗ୍ରାଣ୍ଡ ମେକିଂ ଇତ୍ୟାଦି ଇତ୍ୟାଦି, କିନ୍ତୁ ଏସବୁ ବିନା ବି ଏକ ସୁନ୍ଦର ସଫଳ ସିନେମା ନିର୍ମାଣ ସମ୍ଭବ ଏକଥାକୁ ପ୍ରମାଣିତ କରିଛି ନିକଟରେ ମୁକ୍ତିଲାଭ କରିଥିବା ସିନେମା 'ହନୁମାନ ଅଂଶ' । ଭାରତୀୟ ସିନେମା ଜଗତରେ ବର୍ତ୍ତମାନ ଏକ ଚମତ୍କାର ଘଟଣା ଘଟିଛି । ମାତ୍ର ଦୁଇ କୋଟି ଟଙ୍କାରୁ କମ୍ ବଜେଟରେ ନିର୍ମିତ ଚଳଚ୍ଚିତ୍ର ଦର୍ଶକଙ୍କ ରୁଚିକୁ ନୂଆ ଦିଗ ଦେଇ ଇତିହାସ ସୃଷ୍ଟି କରିଛି । 'ହନୁମାନ ଅଂଶ' ଏହାର ଏକ ବଳିଷ୍ଠ ଉଦାହରଣ । ଏହି ସିନେମା ସରଳତା, ଆଧ୍ୟାତ୍ମିକତା ଏବଂ ସତ୍ୟନିଷ୍ଠ କାହାଣୀ ମାଧ୍ୟମରେ ଦର୍ଶକଙ୍କୁ ମୁଗ୍ଧ କରି ଏକ ସାଇଲେଣ୍ଟ ବ୍ଲକ୍ ବଷ୍ଟର୍ ସିନେମାରେ ପରିଣତ ହୋଇଛି ।**

ନିମ କରୋଲି ବାବା ତାଙ୍କ ଭକ୍ତମାନଙ୍କ ମଧ୍ୟରେ 'ମହାରାଜଜୀ' ନାମରେ ପରିଚିତ । ତାଙ୍କ ଜୀବନ ଯାତ୍ରା ଉପରେ ଆଧାରିତ ଏହି ସିନେମା ଭାରତର ଅଦ୍ୱିତୀୟ ସନ୍ଥ ପରମ୍ପରାର ଦିବ୍ୟ କାହାଣୀଗୁଡ଼ିକକୁ ପରଦାରେ ଚିତ୍ରଣ କରିଛି । ଏହି ଚଳଚ୍ଚିତ୍ରରେ ବାବାଙ୍କୁ ଜାଣିଥିବା ଅନେକ ଲୋକଙ୍କ ଅନୁଭବ ଏବଂ ତାଙ୍କ ସାନ୍ନିଧ୍ୟ କିପରି ସେମାନଙ୍କ ଜୀବନକୁ ପରିବର୍ତ୍ତନ କରିଦେଇଥିଲା, ତାହାକୁ ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଛି । ପ୍ରଥମ ଦୁଇ ସପ୍ତାହର ବକ୍ସ ଅଫିସ୍ ବ୍ୟବସାୟକୁ ଦେଖି ଅନେକେ ଏହି ଚଳଚ୍ଚିତ୍ରକୁ ବିଫଳ ବୋଲି ଘୋଷଣା କରିଦେଇଥିଲେ । କିନ୍ତୁ ପଞ୍ଚମ ସପ୍ତାହରେ ଏହା ପୂର୍ବ ସମସ୍ତ ବ୍ୟବସାୟକୁ ଅତିକ୍ରମ କରି ଶହେ କୋଟି ଟଙ୍କାରୁ ଅଧିକ ଆୟ କରିବାରେ ସମର୍ଥ ହୋଇପାରିଛି । ଏହା ପ୍ରମାଣ କରିଛି ଯେ, ଆଧ୍ୟାତ୍ମିକ ସିନେମାର ଶକ୍ତି କେତେ ପ୍ରଭାବଶାଳୀ ଏବଂ ଦର୍ଶକମାନେ ସନ୍ଥମାନଙ୍କ ଜୀବନ କାହାଣୀକୁ ବଡ଼ ପର୍ଦ୍ଦାରେ ଦେଖିବାକୁ କେତେ ଆଗ୍ରହୀ ।

## ସନ୍ଥ ପରମ୍ପରାର ମହିମା

'ହନୁମାନ ଅଂଶ' ଭାରତୀୟ ଆଧ୍ୟାତ୍ମିକତାର ଶକ୍ତିକୁ ପରଦାରେ ଜୀବନ୍ତ କରିଛି । ଏହା ହିନ୍ଦୀ ସିନେମା ଜଗତ ପାଇଁ କେବଳ ଏକ ଉଦାହରଣ ନୁହଁ, ବରଂ ଶିକ୍ଷା ମଧ୍ୟ, ଯେଉଁ ଶିଳ୍ପ ଦୀର୍ଘ ବର୍ଷ ଧରି ଆମ ମହାନ ସନ୍ଥମାନଙ୍କ ଜୀବନ କାହାଣୀକୁ ଅବହେଳା କରିଆସିଛି । 'ଜୟ ସନ୍ତୋଷୀ ମା' ପରି ଚଳଚ୍ଚିତ୍ର ନିର୍ମାଣ କରିଥିବା ଏହି ଶିଳ୍ପ ଆଜି ହିଂସା, ଅଶ୍ଳୀଳତା ଓ ସେନ୍ସେସନାଲିଜମ୍‌କୁ ଅଧିକ ଗୁରୁତ୍ୱ ଦେଉଛି । 'ଟକ୍ସିକ୍', 'ଆନିମାଲ୍', 'ମାର୍କୋ' କିମ୍ବା 'ମିର୍ଜାପୁର' ଭଳି ସିନେମାର କୋଳାହଳ ମଧ୍ୟରେ 'ହନୁମାନ ଅଂଶ' ଏକ ଶୁଦ୍ଧ ଶାନ୍ତ ଅନୁଭବଟିଏ ମାତ୍ର । ଏହି ସିନେମା ଆମ ସନ୍ଥ ପରମ୍ପରାର ମହିମାକୁ ପୁଣିଥରେ ଜାତୀୟ ସ୍ତରରେ ପ୍ରତିପାଦିତ କରିଛି । ଏହା ଆମକୁ ପୁଣି ମନେପକାଇ ଦେଇଛି ଯେ ଭାରତୀୟ ସଭ୍ୟତା, ଦର୍ଶନ ଏବଂ ଜୀବନଶୈଳୀ ଗଠନରେ ସନ୍ଥମାନଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ।

ଚରିତ୍ର ସଂଳାପ ପରି ଚଳଚ୍ଚିତ୍ରର ସଙ୍ଗୀତ ମଧ୍ୟ ବିଶେଷ ଉଲ୍ଲେଖଯୋଗ୍ୟ । 'ହେ ଖରାରୀ', 'ପାର୍ବତୀ' ଏବଂ 'ମୈନେ ତେରେ ହି ଭରୋସେ ହନୁମାନ' ଭଳି ଗୀତଗୁଡ଼ିକ ଆଧ୍ୟାତ୍ମିକ ଭାବନା ଓ ଲୋକସଙ୍ଗୀତର ଏକ ଅଦ୍ଭୁତ ସମନ୍ୱୟ । ଏହି ଗୀତଗୁଡ଼ିକ ସିନେମା ହଲ୍ ଛାଡ଼ିବା ପରେ ମଧ୍ୟ ଦର୍ଶକଙ୍କ ମନରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛି । ସୁନୀଲ ଲୋଧିଙ୍କ ପରି ଜଣେ ଦୃଷ୍ଟିବାଧିତ ଅପରିଚିତ ଗାୟକଙ୍କୁ ରାତା ରାତି ସାରା ଭାରତରେ ଚର୍ଚ୍ଚାର ଶିଖରରେ ପହଞ୍ଚାଇ ଦେଇଛି ।

ନିର୍ଦ୍ଦେଶକ ଓ କାହାଣୀକାର ବିଶାଳ ଚତୁର୍ବେଦୀ ଏହି କାହାଣୀକୁ ଅତ୍ୟନ୍ତ ଦକ୍ଷତାର ସହିତ ପରଦାରେ ପରଷି ଦେଇଛନ୍ତି । ଅନେକ ପ୍ରତ୍ୟାଖ୍ୟାନ, ସଂଘର୍ଷ ଓ ବାଧା ସତ୍ତ୍ୱେ ସେ ଏହି ସିନେମାକୁ ସଫଳତାର ସହ ନିର୍ମାଣ କରିଛନ୍ତି । ଏତେ କମ୍ ବଜେଟରେ ବିଭିନ୍ନ ଅଞ୍ଚଳ ଓ ସମୟକାଳରେ ବାବାଙ୍କ ଜୀବନ ଯାତ୍ରାକୁ ପ୍ରାମାଣିକ ଭାବରେ ଦେଖାଇବା ବାସ୍ତବିକ୍ ପ୍ରଶଂସନୀୟ ।



## ସାମାଜିକ ବାର୍ତ୍ତା


ନିମ କରୋଲି ବାବାଙ୍କ ଭୂମିକାରେ ଅଭିନୟ କରିଥିବା ଶୋଭିନବ ସତ୍ୟାଙ୍କ ପ୍ରଦର୍ଶନ ମଧ୍ୟ ଚମତ୍କାର । ଶିଶୁକଳାକାର ବିହାନ୍ ସେଗଡେଙ୍କ ଅଭିନୟ ତାଠୁ ଅଧିକ ପସନ୍ଦଯୋଗ୍ୟ ତାଙ୍କ ଅଭିନୟରେ ଥିବା ସରଳତା, ନିର୍ମଳତା ଓ ଆଧ୍ୟାତ୍ମିକ ଆଭା ଚରିତ୍ରକୁ ଆହୁରି ବିଶ୍ୱସନୀୟ କରି ଗଢ଼ି ତୋଳିଛି । 'ହନୁମାନ ଅଂଶ'ର ସବୁଠୁ ବଡ଼ ବିଶେଷତା ହେଉଛି ଏହି ସିନେମା ଦେଉଥିବା ବାର୍ତ୍ତା । ଏହା କେବଳ ଚମତ୍କାରକୁ ନୁହେଁ, ବରଂ ବିଜ୍ଞାନ, କର୍ମ ଓ ଆଧ୍ୟାତ୍ମିକତାର ସମନ୍ୱୟକୁ ମଧ୍ୟ ଉପସ୍ଥାପନ କରିଛି । ଅସୁସ୍ଥ ଶିଶୁର ମାତାଙ୍କୁ ବାବା ବୈଦ୍ୟଙ୍କ ପାଖକୁ ଯିବାକୁ କହିବା, କିମ୍ବା "କରୋଗେ ନହିଁ ତୋ ହୋଗା କୈସେ" ବୋଲି କର୍ମର ଗୁରୁତ୍ୱ ବୁଝାଇବା- ଏହି ଦୃଶ୍ୟଗୁଡ଼ିକ ଜୀବନର ଗଭୀର ସତ୍ୟକୁ ପ୍ରକାଶ କରେ ।

ଚଳଚ୍ଚିତ୍ରର ଅନେକ ଦୃଶ୍ୟ ସମାଜର ଅନ୍ଧବିଶ୍ୱାସ, ଭେଦଭାବ ଓ ଅସମାନତାକୁ ପ୍ରଶ୍ନ କରିଛି । ଯେଉଁଠାରେ ବାବା ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିଛନ୍ତି, ସେଠାରେ ମାନବ ସମାଜ ନିଜେ ଭେଦଭାବ ସୃଷ୍ଟି କରେ ବୋଲି ସିନେମା ଦେଖାଇଛି । ନାରୀ ସମ୍ମାନ, ପାରିବାରିକ ମୂଲ୍ୟବୋଧ ଓ ମାନବିକତାକୁ ମଧ୍ୟ ଚଳଚ୍ଚିତ୍ରଟି ସୁନ୍ଦର ଭାବରେ ଉପସ୍ଥାପନ କରିଛି ।

ସାତରୁ ସତୁରି ପ୍ରତିଟି ବୟସର ଦର୍ଶକଙ୍କ ପାଇଁ ଦେଖିବା ଯୋଗ୍ୟ ଏହି ସିନେମା 'ହନୁମାନ ଅଂଶ' ଆମ ସନ୍ଥ ପରମ୍ପରାର ଦିବ୍ୟତାକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନ କରିଛି । ଏହାର ସରଳତା, ସତ୍ୟନିଷ୍ଠ କାହାଣୀ ଏବଂ ଆଧ୍ୟାତ୍ମିକ ଗଭୀରତା ଦର୍ଶକଙ୍କ ହୃଦୟକୁ ଗଭୀର ଭାବରେ ସ୍ପର୍ଶ କରିଛି । ଏହି ଚଳଚ୍ଚିତ୍ର ଆମକୁ ଶିଖାଏ ଯେ ନିର୍ମଳ ଭକ୍ତି, ଶୁଦ୍ଧ ଚିନ୍ତାଧାରା ଏବଂ ସତ୍‌କର୍ମ ମାଧ୍ୟମରେ ଜୀବନରେ ଦିବ୍ୟ କୃପା ଲାଭ କରାଯାଇପାରେ । ଏହା କେବଳ ଏକ ସିନେମା ନୁହେଁ, ବରଂ ଆମ ସଂସ୍କୃତି, ଆଧ୍ୟାତ୍ମିକତା ଓ ସନାତନ ଐତିହ୍ୟର ଏକ ଉତ୍ସବ । ■

ସିନ୍ଦୁରା
ସକାଳ
www.sakalaepaper.com

‘ହନୁମାନ ଅଂଶ’ର ସଫଳତାର ସବୁଠାରୁ ବଡ଼ ଶିକ୍ଷା ହେଉଛି-ଦର୍ଶକଙ୍କୁ ସବୁବେଳେ ଚମତ୍କାର ଦରକାର ନାହିଁ; ବେଳେବେଳେ ସେମାନେ କେବଳ ଏମିତି ଏକ କାହାଣୀ ଚାହାନ୍ତି, ଯାହା ସେମାନଙ୍କ ହୃଦୟକୁ ଛୁଇଁଯିବ । ଆଧ୍ୟାତ୍ମିକତା, ବିଶ୍ୱାସ ଓ ଆତ୍ମସନ୍ତୋଷର ଏକ ଭିନ୍ନ ସ୍ୱାଦର ସିନେମାଟିକ୍ ଅନୁଭୂତି ହେଉଛି ‘ହନୁମାନ ଅଂଶ’ । ଡକ୍ଟର ବିଶାଲ ଚତୁର୍ବେଦୀଙ୍କ ନିର୍ଦ୍ଦେଶିତ ଏବଂ ପ୍ରସିଦ୍ଧ ସନ୍ଥ ନିମ କରୋଲି ବାବାଙ୍କ ଆଧ୍ୟାତ୍ମିକ ଜୀବନ ଉପରେ ଆଧାରିତ ଭକ୍ତିପୂର୍ଣ୍ଣ ଚଳଚ୍ଚିତ୍ର ‘ହନୁମାନ ଅଂଶ’ । ଏହି ସିନେମାଟି ବକ୍ସ ଅଫିସ୍‌ରେ ଏକ ଅପ୍ରତ୍ୟାଶିତ ସଫଳତା ହାସଲ କରିଛି । ଖୁବ୍ କମ୍ ବଜେଟ୍‌ରେ ନିର୍ମିତ ଏହି ଚଳଚ୍ଚିତ୍ରଟି ଦର୍ଶକଙ୍କ ମନକୁ ଛୁଇଁବା ସହ ସେମାନଙ୍କୁ ଆତ୍ମସମୀକ୍ଷା ଓ ମାନସିକ ଶାନ୍ତିର ଏକ ନୂଆ ମାର୍ଗ ଦେଖାଇଛି ।



ଶ୍ୟାମା ପ୍ରସାଦ ମିଶ୍ର

# ବଲିଉଡ୍ ପାଇଁ ନୂଆ ସମ୍ଭାବନା
# ହନୁମାନ ଅଂଶ




## ମନ ଜିଣୁଛି ଆକ୍ସନ୍ ଓ ମାନବୀୟ ମୂଲ୍ୟବୋଧ

‘ହନୁମାନ ଅଂଶ’ ଏକ ଆକ୍ସନ୍ ଓ ଭାବନାପ୍ରବଣ ଚଳଚ୍ଚିତ୍ର, ଯାହାର କାହାଣୀ, ଚରିତ୍ର ଚିତ୍ରଣ ଏବଂ ଦୃଶ୍ୟାୟନ ଦର୍ଶକଙ୍କ ମନରେ ନିଜସ୍ୱ ଛାପ ଛାଡ଼ିବାରେ ସଫଳ ହୋଇଛି । ଚଳଚ୍ଚିତ୍ରରେ ଆକ୍ସନ୍ ସହିତ ଭାବନା, ସଂଘର୍ଷ ଓ ମାନବୀୟ ସମ୍ପର୍କକୁ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି । ବିଶେଷକରି ମୁଖ୍ୟ ଚରିତ୍ରର ଅଭିନୟ ଦର୍ଶକଙ୍କୁ କାହାଣୀ ସହିତ ଯୋଡ଼ି ରଖିଥାଏ । ‘ହନୁମାନ ଅଂଶ’ର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର କାହାଣୀରେ ଥିବା ସଂଘର୍ଷ, ସାହସ ଓ ମାନବୀୟ ମୂଲ୍ୟବୋଧ । ଚଳଚ୍ଚିତ୍ରର ଆକ୍ସନ ଦୃଶ୍ୟ, ସଙ୍ଗୀତ, କ୍ୟାମେରା କାର୍ଯ୍ୟ ଏବଂ ନିର୍ଦ୍ଦେଶନ ମଧ୍ୟ ଉଲ୍ଲେଖନୀୟ । ସାମଗ୍ରିକ ଭାବେ, ‘ହନୁମାନ ଅଂଶ’ ଏକ ମନୋରଞ୍ଜନଧର୍ମୀ ଚଳଚ୍ଚିତ୍ର ହେବା ସହିତ ଦର୍ଶକଙ୍କୁ ସାହସ, ବିଶ୍ୱାସ ଓ ମାନବୀୟତାର ଏକ ସୁନ୍ଦର ବାର୍ତ୍ତା ଦେଇଛି ।

## ଦର୍ଶକଙ୍କ ହୃଦୟ ଜିଣୁଛି

‘ହନୁମାନ ଅଂଶ’ର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ସରଳ କାହାଣୀ ଓ ସଚ୍ଚୋଟ ପ୍ରସ୍ତୁତି । ଫିଲ୍ମରେ ଭଲ ସଙ୍ଗୀତ ରହିଛି, କାହାଣୀ ଜଟିଳ ନୁହେଁ ଏବଂ ଦର୍ଶକଙ୍କୁ ଯାହା ଦେବାକୁ ଚାହୁଁଛି, ତାହାକୁ ଅତିରିକ୍ତ ଆଡ଼ମ୍ବରରେ ଢାଙ୍କିବାକୁ ଚେଷ୍ଟା କରାଯାଇନାହିଁ । ନିର୍ମାତାମାନେ ଫିଲ୍ମକୁ ତାହାର ପ୍ରକୃତିଠାରୁ ଭିନ୍ନ କରିବାକୁ ଚେଷ୍ଟା କରିନାହାନ୍ତି । ନିମ୍ କରୋଲି ବାବାଙ୍କ ଜୀବନ ଓ ତାଙ୍କ ଆଧ୍ୟାତ୍ମିକ କାହାଣୀକୁ ଯେପରି ଲୋକମାନେ ପିଢ଼ି ପରେ ପିଢ଼ି ଶୁଣି ଆସିଛନ୍ତି, ଫିଲ୍ମରେ ମଧ୍ୟ ସେହି ସରଳତାରେ ତାହାକୁ ପରଦାରେ ଉପସ୍ଥାପନ କରାଯାଇଛି । ବାବାଙ୍କ ସହ ଜଡ଼ିତ ଅନେକ ଚମତ୍କାର ଓ ଆଧ୍ୟାତ୍ମିକ ଘଟଣାର କାହାଣୀ ଫିଲ୍ମରେ ରହିଛି । ସେହି ଚମତ୍କାର ବାସ୍ତବରେ ଘଟିଥିଲା କି ନାହିଁ, ତାହା ଏହି ଫିଲ୍ମର ମୂଳ ପ୍ରଶ୍ନ ନୁହେଁ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି- ଏହି କାହାଣୀଗୁଡ଼ିକକୁ ଅନେକ ପିଢ଼ିର ଲୋକ ଛୋଟବେଳୁ ଶୁଣି ଆସିଛନ୍ତି ଏବଂ ବିଶ୍ୱାସ କରିଆସିଛନ୍ତି । ‘ହନୁମାନ ଅଂଶ’ ସେହି କାହାଣୀଗୁଡ଼ିକକୁ ସିନେମାର ଏକ ନୂଆ ରୂପ ଦେଇଛି । ଯେପରି ଦର୍ଶକ ଏହାକୁ ଦେଖିବାକୁ ଚାହୁଁଥିଲେ, ପ୍ରାୟ ସେହି ଭାବରେ ଏହାକୁ ପରଦାରେ ଉପସ୍ଥାପନ କରାଯାଇଛି । ନିର୍ଦ୍ଦେଶକ ବିଶାଲ ଚତୁର୍ବେଦୀ ସରଳ ହିନ୍ଦୀ ଭାଷା ଓ ସ୍ୱାଭାବିକ ଅଭିନୟକୁ ଗୁରୁତ୍ୱ ଦେଇ ଏହି କାହାଣୀକୁ ପରଦାରେ ଉପସ୍ଥାପନ କରିଛନ୍ତି ।

‘ହନୁମାନ ଅଂଶ’ର ଆକର୍ଷଣ କେବଳ ବୟସ୍କ ପିଢ଼ି ମଧ୍ୟରେ ସୀମିତ ରହିନାହିଁ । ନୂଆ ପିଢ଼ି, ବିଶେଷକରି ଜେନ୍ ଜି ମଧ୍ୟ ଏହା ପ୍ରତି ଆଗ୍ରହ ଦେଖାଉଛନ୍ତି । ଏହି ପିଢ଼ି ଡିଜିଟାଲ୍ ଯୁଗରେ ବଢ଼ିଛି । ରିଲ୍, ସୋସିଆଲ୍ ମିଡିଆ ଓ ଦ୍ରୁତ ମନୋରଞ୍ଜନର ଅଭ୍ୟାସ ଥିବା ଏହି ପିଢ଼ି ମଧ୍ୟ ଫିଲ୍ମର ସରଳ ଭାବନା ଓ ଆଧ୍ୟାତ୍ମିକ ବିଷୟବସ୍ତୁ ସହ ଯୋଡ଼ି ହେଉଛି । ଥିଏଟର୍‌ରେ ଫିଲ୍ମ ଦେଖିବା ସହ ଯୁବ ଦର୍ଶକମାନେ ଏହାର ଅନୁଭୂତିକୁ ସୋସିଆଲ୍ ମିଡିଆରେ ମଧ୍ୟ ପ୍ରକାଶ କରୁଛନ୍ତି । ଅର୍ଥାତ୍, ଗୋଟିଏ ପଟେ ୬୦–୭୦ ବର୍ଷର ପିଢ଼ି ନିଜ ପିଲାଦିନର ଆସ୍ଥା ଓ ସ୍ମୃତିକୁ ଏହି ଫିଲ୍ମରେ ଖୋଜୁଛି; ଅନ୍ୟପଟେ ଜେନ୍ ଜି ଏହାକୁ ଏକ ନୂଆ ସିନେମାଟିକ୍ ଅନୁଭୂତି ଭାବେ ଗ୍ରହଣ କରୁଛି ।

## ନୂଆ ବାର୍ତ୍ତା

ବଡ଼ ବଜେଟ୍ ନୁହେଁ କି ଭବ୍ୟ ସେଟ୍ ନୁହେଁ କିମ୍ବା କେବଳ ଷ୍ଟାର୍ ପାୱାର୍ ନୁହେଁ- ଆସ୍ଥା ଓ ଭାବନାର ଶକ୍ତିରେ ସିନେମା ମଧ୍ୟ ଦର୍ଶକଙ୍କ ମନ ଜିଣିପାରେ । ଏହାକୁ ପ୍ରମାଣ କରିଛି ‘ହନୁମାନ ଅଂଶ’ । ଫିଲ୍ମଟି ଦର୍ଶକଙ୍କ ମଧ୍ୟରେ ଲଗାତାର ଚର୍ଚ୍ଚା ସୃଷ୍ଟି କରିବା ସହ ବକ୍ସ ଅଫିସ୍‌ରେ ୧୦୦ କୋଟି କ୍ଲବ୍‌ରେ ପହଞ୍ଚି ସାରିଛି ।



## ଛୋଟ ସହରରେ ବଡ଼ କ୍ରେଜ୍

ରାଜସ୍ଥାନର ଏକ ସହରର ଜରାଜୀର୍ଣ୍ଣ ସିନେମା ହଲ୍‌ରେ ମଧ୍ୟ ଫିଲ୍ମଟି ପାଇଁ ଦର୍ଶକଙ୍କ ଉତ୍ସାହ ଦେଖିବାକୁ ମିଳିଛି । ଗୋଟିଏ ଶୋ’ରେ ହଲ୍ ପ୍ରାୟ ଭରି ଯାଇଥିଲା । ଏହା ସାଧାରଣ ଫିଲ୍ମ ଶୋ’ ନୁହେଁ, ଯେପରି ଏକ ଉତ୍ସବର ପରିବେଶ ସୃଷ୍ଟି ହୋଇଥିଲା । ମହିଳାମାନେ ରଙ୍ଗିନ ପୋଷାକ ଓ ଶାଢ଼ି ପିନ୍ଧି ହଲ୍‌କୁ ଆସିଥିଲେ । ଯୁବ ପିଢ଼ି ସୋସିଆଲ୍ ମିଡିଆ ପାଇଁ ରିଲ୍ ତିଆରି କରୁଥିବା ବେଳେ ବୟସ୍କ ଦର୍ଶକଙ୍କୁ ସେମାନଙ୍କ ପରିବାର ସଦସ୍ୟମାନେ ହଲ୍‌କୁ ନେଇ ଆସୁଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା । ନିକଟସ୍ଥ ଗାଁଗୁଡ଼ିକରୁ ମଧ୍ୟ ପରିବାର ସହ ଦର୍ଶକ ଫିଲ୍ମ ଦେଖିବାକୁ ଆସିଥିଲେ । ଫିଲ୍ମର ସବୁଠାରୁ ବଡ଼ ସଫଳତା ହେଉଛି- ଏହା ସେହି ଦର୍ଶକଙ୍କୁ ମଧ୍ୟ ପ୍ରେକ୍ଷାଳୟକୁ ଫେରାଇ ଆଣିଛି, ଯେଉଁମାନେ ଦୀର୍ଘଦିନ ଧରି ସିନେମା ହଲ୍‌ଠାରୁ ଦୂରେଇ ରହିଥିଲେ । ପରିବାର ସହ ଫିଲ୍ମ ଦେଖିବାର ଅନୁଭୂତି, ଏହାକୁ ଅନ୍ୟ ଫିଲ୍ମଠାରୁ ଏକ ଭିନ୍ନ ପରିଚୟ ଦେଇଛି ।

## ଷ୍ଟାର୍ ନୁହେଁ, କାହାଣୀର ଆକର୍ଷଣ

‘ହନୁମାନ ଅଂଶ’ର ସଫଳତା ବଲିଉଡ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ । ଦର୍ଶକ ସବୁବେଳେ କେବଳ ଚକଚକିଆ ପ୍ରଯୋଜନା କିମ୍ବା ବଡ଼ ଷ୍ଟାର୍‌ଙ୍କୁ ଖୋଜନ୍ତି ନାହିଁ । ସରଳ କାହାଣୀ, ଆସ୍ଥା ଓ ହୃଦୟକୁ ଛୁଇଁ ଯାଉଥିବା ଭାବନା ମଧ୍ୟ ବକ୍ସ ଅଫିସ୍‌ରେ ବଡ଼ ସଫଳତା ଆଣିପାରେ । ‘ହନୁମାନ ଅଂଶ’ ଏବେ କେବଳ ଏକ ଫିଲ୍ମ ନୁହେଁ; ଦର୍ଶକଙ୍କ ମନରେ ଆସ୍ଥା ଓ ସିନେମାର ଶକ୍ତିର ଏକ ନୂଆ ଉଦାହରଣ ଭାବେ ଉଭା ହୋଇଛି । ସିନେମା ହଲ୍‌ରେ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଆଜିକାଲି ବଡ଼ ବଜେଟ୍, ଚମତ୍କାର ଭିଜୁଆଲ୍, ଧମାକାଦାର ଆକ୍ସନ୍ ଓ ଷ୍ଟାର୍ ପାୱାର୍ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । କିନ୍ତୁ ଏହି ଧାରା ମଧ୍ୟରେ ଏକ ସରଳ କାହାଣୀ ଓ ଆଧ୍ୟାତ୍ମିକ ଭାବନାକୁ ନେଇ ତିଆରି ହୋଇଥିବା ‘ହନୁମାନ ଅଂଶ’ ଏବେ ଏକ ଭିନ୍ନ ଉଦାହରଣ ସୃଷ୍ଟି କରିଛି ।

## ପ୍ରଚାର ନୁହେଁ, କେବଳ ପ୍ରାର୍ଥନା

ଧର୍ମକୁ ନେଇ ସମାଜରେ ବିଭିନ୍ନ ଆଲୋଚନା ଓ ବିତର୍କ ଚାଲିଥିବା ସମୟରେ ଅନେକ ଲୋକ ପୁଣିଥରେ ନିଜ ଆସ୍ଥା ଓ ଆଧ୍ୟାତ୍ମିକତା ଆଡ଼କୁ ଫେରିଛନ୍ତି । ‘ହନୁମାନ ଅଂଶ’ ସେହି ଆସ୍ଥାକୁ ଏକ ଅଭିବ୍ୟକ୍ତିର ମାଧ୍ୟମ ଦେଇଛି । କିନ୍ତୁ ଫିଲ୍ମ ଦର୍ଶକଙ୍କୁ କୌଣସି ନିର୍ଦ୍ଦିଷ୍ଟ ଦିଗକୁ ନେବା କିମ୍ବା ନିଜର ମତ ଥୋପିବାକୁ ଚେଷ୍ଟା କରୁନାହିଁ । ଏହି ସଂଯମ ହିଁ ବୋଧହୁଏ ଫିଲ୍ମଟିକୁ ଦର୍ଶକଙ୍କ ହୃଦୟର ଏତେ ନିକଟତର କରିବାର ଅନ୍ୟତମ କାରଣ ।

## ନୂଆ ଧାରାର ସିନେମା

‘ହନୁମାନ ଅଂଶ’ର ସଫଳତା ହିନ୍ଦୀ ସିନେମା ପାଇଁ ଏକ ନୂଆ ସମ୍ଭାବନାର ଦ୍ୱାର ଖୋଲିପାରେ । ଆସ୍ଥା, ଆଧ୍ୟାତ୍ମିକତା ଓ ଲୋକକଥା ଉପରେ ଆଧାରିତ ସରଳ ଏବଂ ଭାବନାପ୍ରବଣ କାହାଣୀ ପାଇଁ ଦର୍ଶକ ଅଛନ୍ତି, ଏହି ଫିଲ୍ମ ତାହା ପ୍ରମାଣ କରିଛି । ଦର୍ଶକ କେବଳ ନିଜ ଘରୁ ବାହାରି ସିନେମା ହଲ୍‌କୁ ଆସୁନାହାନ୍ତି; ନିକଟସ୍ଥ ଗାଁରୁ ମଧ୍ୟ ଯାତ୍ରା କରି ଥିଏଟର୍‌କୁ ଆସୁଛନ୍ତି । କାରଣ ସେମାନେ ପରଦାରେ ନିଜ ଜୀବନ, ନିଜ ଆସ୍ଥା ଓ ନିଜ ପରିଚିତ କାହାଣୀର ଏକ ପ୍ରତିଛବି ଦେଖିପାରୁଛନ୍ତି ।

ତେବେ ଏହି ସଫଳତା ସହ ଏକ ସତର୍କ ବାର୍ତ୍ତା ମଧ୍ୟ ରହିଛି । ଭବିଷ୍ୟତରେ ଏଭଳି ଫିଲ୍ମ ତିଆରି କରିବା ବେଳେ ସଚ୍ଚୋଟତା, ସଂଯମ ଓ ରୁଚିଶୀଳତାକୁ ପ୍ରାଥମିକତା ଦେବାକୁ ପଡ଼ିବ । କେବଳ ପରଦାରେ ଜଣେ ଧାର୍ମିକ ବ୍ୟକ୍ତିତ୍ୱଙ୍କୁ ଦେଖାଇଦେଲେ ଯେ, ସେହି ଫିଲ୍ମ ସମାନ ସଫଳତା ପାଇବ- ଏହା ନିଶ୍ଚିତ ନୁହେଁ । ଏହି ଚଳଚ୍ଚିତ୍ରର ପ୍ରଯୋଜିକା ଅନୁପ୍ରିୟା ନଗର, ନମ୍ରତା ଜି ସିଂ, ରାଗିନୀ ସୋନା ରହିଥିବା ବେଳେ କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ପୀୟୁଷ ଠାକୁର । ବିଶାଲ ଚତୁର୍ବେଦୀ ନିର୍ଦ୍ଦେଶକ ରହିଛନ୍ତି । ଶୋଭିନବ ସତ୍ୟା, ଚନ୍ଦନ ଆନନ୍ଦ, ବିହାନ ସେଗଡେ, ପୂର୍ଣ୍ଣିମା ତିୱାରୀ, ଅନିଲ ରାସ୍ତୋଗୀ, ଗୁଲସନ ପାଣ୍ଡେ ପ୍ରମୁଖଙ୍କ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖୁଛି ।

ବୟସ୍କ ପିଢ଼ି ପାଇଁ ଏହା ହୁଏତ ପିଲାଦିନର ସ୍ମୃତି ଓ ଆସ୍ଥାକୁ ଫେରିପାଇବାର ଏକ ଯାତ୍ରା; ଆଉ ଜେନ୍ ଜି ପାଇଁ ଏହା ହୋଇପାରେ ଏକ ଭିନ୍ନ, ସରଳ ଓ ଆଧ୍ୟାତ୍ମିକ ସିନେମାର ନୂଆ ଅନୁଭୂତି । ସେଥିପାଇଁ ‘ହନୁମାନ ଅଂଶ’ କେବଳ ଏକ ଫିଲ୍ମର ସଫଳତା ନୁହେଁ; ଏହା ଦର୍ଶକଙ୍କ ରୁଚି ବଦଳୁଥିବାର ଏକ ଶୁଭ ସଙ୍କେତ ମଧ୍ୟ ।




# ପ୍ରଥମ ପସନ୍ଦ ନ ଥିଲେ ଶୋଭିନବ

ବକ୍ସ ଅଫିସ୍‌ରେ ଭଲ ଆୟ କରୁଛି ଆଧ୍ୟାତ୍ମିକ ସିନେମା ‘ହନୁମାନ ଅଂଶ’ । ୨ କୋଟି ବଜେଟ୍‌ରେ ନିର୍ମିତ ଏହି ସିନେମା ଏବେ ୧୬୯ କୋଟିରୁ ଅଧିକ ଆୟ କଲାଣି । ସେହିପରି ଫିଲ୍ମର କାହାଣୀ ଯେତିକି ରୋଚକୀୟ, ପରଦା ପଛରେ ପହଞ୍ଚିବାର ଏହାର ଯାତ୍ରା ତା’ଠୁ ଅଧିକ ରୋଚକପୂର୍ଣ୍ଣ । ଫିଲ୍ମରେ ନିମ କରୋଲି ବାବା ଚରିତ୍ରରେ ଅଭିନୟ କରିଛନ୍ତି ଶୋଭିନବ ସତ୍ୟା । ତେବେ ସେ ଏହି ଚରିତ୍ର ପାଇଁ ପ୍ରଥମ ପସନ୍ଦ ନ ଥିଲେ । ସୁଟିଂର ପ୍ରଥମ ଦିନରେ ମୁଖ୍ୟ ଅଭିନେତା ଅସୁସ୍ଥ ହୋଇ ପଡ଼ିବାରୁ ଶୋଭିନବଙ୍କୁ ଏହି ଚରିତ୍ରରେ ଅଭିନୟ କରିବାକୁ ପଡ଼ିଲା । ତେବେ ଏହି ଚରିତ୍ରରେ ଅଭିନୟ କରିବାକୁ ନେଇ ଖୋଦ୍ ଶୋଭିନବଙ୍କ ମନରେ ବି ଭୟ ଥିଲା । ଏବେ ଯେତେବେଳେ ସିନେମାଟିକୁ ଦର୍ଶକୀୟ ଆଦୃତି ମିଳିଛି, ଶୋଭିନବ ଏହାର ପୂରା କାହାଣୀ ସାମ୍ନାକୁ ଆଣିଛନ୍ତି ।


ଶୋଭିନବ ଏକ ସାକ୍ଷାତକାରରେ କହିଛନ୍ତି, ନିମ କରୋଲି ବାବାଙ୍କ ଚରିତ୍ରରେ ଅଭିନୟ କରିବା ପୂର୍ବରୁ ସେ ସମ୍ପୂର୍ଣ୍ଣ ଭୟଭୀତ ଥିଲେ । ସେ ଏହି ଚରିତ୍ରରେ ଠିକ୍ ଭାବେ ଅଭିନୟ କରିପାରିବେ କି ନାହିଁ? ଲୋକେ କ’ଣ ତାଙ୍କୁ ବାବା ରୂପରେ ଗ୍ରହଣ କରିବେ? ଦର୍ଶକେ କ’ଣ ତାଙ୍କ ଅଭିନୟକୁ ପସନ୍ଦ କରିବେ? ଏହିଭଳି ଅନେକ ପ୍ରଶ୍ନକୁ ନେଇ ସେ ଶଙ୍କାରେ ରହୁଥିଲେ । ହେଲେ ନିର୍ଦ୍ଦେଶକ ବିଶାଲ ଚର୍ତୁବେଦୀ ତାଙ୍କ ମନୋବଳ ବଢ଼ାଇ ଥିଲେ । ଅବଶ୍ୟ ଶୋଭିନବଙ୍କୁ ମନାଇବା ସେତେଟା ସହଜ ନ ଥିଲା । କାରଣ ନିଜେ ଥିଲେ ବାବାଙ୍କ ଭକ୍ତ । ତେଣୁ ଦର୍ଶକେ ତାଙ୍କୁ ଗ୍ରହଣ କରିବେ କି ନାହିଁ, ତାହାକୁ ନେଇ ସେ ଭୟରେ ରହୁଥିଲେ ।


ଶୋଭିନବଙ୍କ ମତରେ ସୁଟିଂ ଆରମ୍ଭ ହେବା ପୂର୍ବରୁ କିଛି ଅନୁଭବ ଧୀରେ ଧୀରେ ତାଙ୍କ ଆତ୍ମବିଶ୍ୱାସ ବଢ଼ାଇ ଥିଲା । ପ୍ରଥମ ଦିନରେ ସେ ଯେତେବେଳେ ମନ୍ଦିରରେ ପହଞ୍ଚିଲେ, ସେଠାରେ ଥିବା ଲୋକେ ତାଙ୍କୁ ବାବା ବାବା କହି ସମ୍ବୋଧନ କରିବା ଆରମ୍ଭ କଲେ । ଏହା ତାଙ୍କ ପାଇଁ ଥିଲା ଖୁବ୍ ଅଲଗା ଅନୁଭବ । ସେହିପରି ଏହାର ପୂର୍ବଦିନ ପୂରା ଟିମ୍ ଯେତେବେଳେ ବେସ୍‌କୁ ଚାଲିଗଲେ ଶୋଭିନବ ମନ୍ଦିରରେ ଏକାକୀ ରହିଲେ । ତାଙ୍କ ସହିତ ଅଜବ ଘଟଣା ଘଟିଥିବା କହନ୍ତି ।

ଶୋଭିନବ କହନ୍ତି, ସେ ମନ୍ଦିରରେ ବସିଥିଲେ । ସେଇଠୁ କିଛି ଖାଇବେ ବୋଲି ଜଣେ ତାଙ୍କୁ ପ୍ରଶ୍ନ କଲେ । ଶୋଭିନବ ରସୁଣ, ଲୁଣ ଓ ରୁଟି ଖାଇବାକୁ କହିଲେ । ଗାଁରୁ ଏସବୁ ଆସିଲା ଓ ସେ ସେଠାରେ ବସି ଖାଇଲେ । ସେହିପରି ଲୋକେ ଯେତେବେଳେ ତାଙ୍କୁ ଆଶୀର୍ବାଦ ମାଗନ୍ତି, ସେ ଆଶୀର୍ବାଦ କରନ୍ତି । ଏହିପରି ଭାବେ ଲୋକେ ତାଙ୍କୁ ପ୍ରକୃତ ବାବା ବୋଲି ଭାବୁଥିଲେ । ତେବେ ସେ ଏଭଳି କରିବେ ବୋଲି ସେଠାରେ ଯୋଜନା କରି ବସି ନଥିଲେ । ଏସବୁ ଆପେ ଆପେ ଘଟି ଯାଉଥିବା ସେ କହନ୍ତି । ଏହାପରେ ସେ ଜାଣିପାରିଲେ ଏହି ଚରିତ୍ର ସହିତ ସେ ଜଡ଼ିତ ହୋଇପାରିଛନ୍ତି ଏବଂ ଏସବୁ ଘଟଣା ତାଙ୍କ ଆତ୍ମବିଶ୍ୱାସ ବଢ଼ାଇ ଦେଲା ।



ଅନ୍ୟପଟେ ସୁଟିଂ ସମୟରେ ଗୋଟିଏ ଦିନ କ୍ୟାମେରା କାମ କଲା ନାହିଁ । ତା’ପରେ ସେ ହନୁମାନ ଚାଳିଶା ପାଠ କରିବା ଆରମ୍ଭ କଲେ । ଏହାପରେ କ୍ୟାମେରା ଚାଲିଥିଲା । ତେଣୁ ସୁଟିଂ ବେଳେ କିଛି ସମସ୍ୟା ହେଲେ ପୂରା ଟିମ୍ ହନୁମାନ ଚାଳିଶା ପାଠ କରୁଥିଲେ । ଏହାବାଦ୍ ସେଟ୍‌ରେ ମଦ୍ୟପାନ, ଆମିଷ, ଅଶ୍ଳୀଳ ଭାଷା ବ୍ୟବହାର ଉପରେ କଡ଼ାକଡ଼ି ନିଷେଧ ଥିଲା ।








## 'ଧୁରନ୍ଧର'କୁ ପଛରେ ପକାଇଲା

ଆୟ ମାମଲାରେ 'ହନୁମାନ ଅଂଶ' ଅକ୍ଷୟ କୁମାର, ଅମିର ଖାନ୍, ଶାହରୁଖ ଖାନଙ୍କ ଫିଲ୍ମକୁ ପଛରେ ପକାଇଛି। ଏହା 'ଧୁରନ୍ଧର', 'ସ୍ତ୍ରୀ ୨', 'ଥ୍ରୀ ଇଡିୟଟସ', 'ପଠାନ୍' ଭଳି ଫିଲ୍ମର ରେକର୍ଡ ଭାଙ୍ଗିବାରେ ସଫଳ ସାବ୍ୟସ୍ତ ହୋଇଛି। ଏହିପରି ଭାବେ ୩୩ତମ ଦିନରେ ସବୁଠୁ ଅଧିକ ଆୟକାରୀ ବଲିଉଡ୍ ସିନେମା ହୋଇଛି।

## ପଞ୍ଚମ ସପ୍ତାହରେ ରେକର୍ଡ


ଏବେ ଏହାର ଆୟ ପଞ୍ଚମ ସପ୍ତାହରେ ରେକର୍ଡ କରିଛି। ୧୫୦ କୋଟିରୁ ଅଧିକ ଆୟ କରିଛି। ଟ୍ରେଡ୍ ଟ୍ରାକିଂ ୱେବ୍‌ସାଇଟ୍ ସାକନିଲ୍କ ଅନୁସାରେ, ଘରୋଇ ବକ୍ସ ଅଫିସ୍‌ରେ ଫିଲ୍ମଟି ୧୫୬.୬୩ କୋଟି ଆୟ କରିଛି। ମାତ୍ର ୨ କୋଟି ଟଙ୍କାରେ ନିର୍ମିତ ଏହି ଫିଲ୍ମ ୫ମ ସପ୍ତାହରେ ୨୦୨୬ର ଷଷ୍ଠ ସର୍ବାଧିକ ଆୟକାରୀ ବଲିଉଡ୍ ସିନେମା ପାଲଟିଛି।

## କାହିଁକି ମିଳୁଛି ସଫଳତା

'ହନୁମାନ ଅଂଶ'ର ବିଶେଷତ୍ୱ ହେଉଛି ଫିଲ୍ମରେ କୌଣସି ବଡ଼ ବଲିଉଡ୍ ଷ୍ଟାର୍ ନାହାନ୍ତି। ତା'ସହ ନିର୍ମାଣ ଲାଗି ବେଶି ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଇ ନାହିଁ। ଏହା ସତ୍ତ୍ୱେ ବି ଫିଲ୍ମଟି ଲଗାତାର ଦର୍ଶକଙ୍କୁ ପ୍ରେକ୍ଷାଳୟ ମୁହାଁ କରାଉଛି । ଫିଲ୍ମକୁ ଦର୍ଶକଙ୍କ ପକ୍ଷରୁ ମିଳୁଥିବା ସକାରାତ୍ମକ ସମୀକ୍ଷା ଯୋଗୁଁ ଏହାର ପ୍ରଭାବ ସିଧା ବକ୍ସ ଅଫିସ୍ ଉପରେ ଦେଖିବାକୁ ମିଳିଛି। ଏହି କାରଣ ଯୋଗୁଁ ମାତ୍ର ୨ କୋଟିରେ ନିର୍ମିତ ଏହି ସିନେମା ୧୫୦ କୋଟିରୁ ଅଧିକ ଆୟ କରିପାରିଛି। ସେହିପରି ବର୍ତ୍ତମାନ ଆୟର ରେକର୍ଡକୁ ଦେଖି ଅନୁମାନ କରାଯାଉଛି ଯେ, ଆଗାମୀ ଦିନରେ ମଧ୍ୟ ଏହା ରେକର୍ଡ ଭାଙ୍ଗିପାରେ। ଏଥିରୁ ଏକଥା ସ୍ପଷ୍ଟ ଅନୁମେୟ ଯେ, ଲୋକେ ଏହି ସିନେମାକୁ କେତେ ପସନ୍ଦ କରୁଛନ୍ତି। ଯାହାକି କୌଣସି ଚମତ୍କାରଠାରୁ କମ୍ ନୁହେଁ। ବିଶେଷ କଥା ହେଉଛି ରିଲିଜ୍‌ର ମାସକ ପରେ ଫିଲ୍ମର ଆୟ ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ପାଇଛି। ଅବଶ୍ୟ ଆଗକୁ ଏହି ଆୟ ଆଉ କେତେ ବାଟ ଯାଉଛି ତାହା ଦେଖିବାକୁ ବାକି ରହିଲା।

ଆଧ୍ୟାତ୍ମିକ ଗୁରୁ ନିମ କରୋଲି ବାବାଙ୍କ ଜୀବନ ଓ ଶିକ୍ଷା ଉପରେ ଆଧାରିତ ଫିଲ୍ମ 'ହନୁମାନ ଅଂଶ' ଏବେ ବକ୍ସ ଅଫିସ୍‌ରେ ଚର୍ଚ୍ଚା ସାଉଁଟୁଛି। ଆୟ ମାମଲାରେ ଏହା ଐତିହାସିକ ସଫଳତା ଲାଭ କରିଛି। ଏପରିକି ଏହା ବଡ଼ ବଡ଼ ଭାରତୀୟ ସିନେମାକୁ ପଛରେ ପକାଇ ନୂଆ ରେକର୍ଡ କରିବାରେ ସଫଳ ହୋଇଛି। ୨ କୋଟି ବଜେଟ୍‌ରେ ନିର୍ମିତ ଏହି ସିନେମା ୩୩ତମ ଦିନରେ ସର୍ବାଧିକ ଆୟକାରୀ ବଲିଉଡ୍ ସିନେମା ପାଲଟିଛି। ଏହି କ୍ରମରେ ଏହାର ଆୟ ଓ କାହିଁକି ଏତେ ସଫଳତା ମିଳୁଛି, ତାହାକୁ ନେଇ ଏହି ଉପସ୍ଥାପନା।

# ବକ୍ସ ଅଫିସ୍‌ରେ 'ହନୁମାନ ଅଂଶ'ର ରେକର୍ଡ


## ସିକ୍ୱେଲକୁ ନେଇ ଚର୍ଚ୍ଚା


'ହନୁମାନ ଅଂଶ'ର ସଫଳତା ପରେ ଏବେ ଏହାର ସିକ୍ୱେଲକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଫିଲ୍ମର ପ୍ରଯୋଜକ ଅନୁପ୍ରିୟା ନାଗର ଏକ ସାକ୍ଷାତକାରରେ କହିଛନ୍ତି, ସେ ଫିଲ୍ମର ସିକ୍ୱେଲ ଆଣିବେ। ତା'ସହ ସେ ଦର୍ଶକଙ୍କୁ ନିରାଶ କରିବେ ନାହିଁ ବୋଲି କହିଛନ୍ତି। ତା'ସହ ଫିଲ୍ମର ବଜେଟ୍‌କୁ ନେଇ ଖୋଲିଖୋଲି ଆଲୋଚନା କରିଥିଲେ। ଏହା ୨ କୋଟି ବଜେଟ୍‌ରେ ନିର୍ମାଣ ହୋଇଛି। ଏହି ଫିଲ୍ମକୁ ଯଦି ୧୦ କୋଟି ବଜେଟ୍‌ରେ ନିର୍ମାଣ କରାଯାଇଥାନ୍ତା, ତେବେ ଏହା ଏମିତି ତିଆରି ହୋଇପାରି ନ ଥାନ୍ତା। କମ୍ ବଜେଟ୍ ଯୋଗୁଁ ଫିଲ୍ମର ବାସ୍ତବିକତା ବଜାୟ ରହିଲା। ଏହାସହ ସିକ୍ୱେଲ ନିର୍ମାଣ ସମୟରେ ବି ଏହି ଦିଗ ଉପରେ ବିଶେଷ ଧ୍ୟାନ ଦିଆଯିବ ବୋଲି ଅନୁପ୍ରିୟା କହିଛନ୍ତି। ■

## ଅଚାନକ ଆୟ ବୃଦ୍ଧି

୨୦୨୬ ଅଗଷ୍ଟ ୭ ତାରିଖରେ ମୁକ୍ତିଲାଭ କରିଥିଲା ବିଶାଲ ଚତୁର୍ବେଦୀଙ୍କ ନିର୍ଦ୍ଦେଶିତ ସିନେମା 'ହନୁମାନ ଅଂଶ'। ଆୟ ମାମଲାରେ ବକ୍ସ ଅଫିସ୍‌ରେ ସଫଳତା ସାଉଁଟୁଛି ଏହି ଆଧ୍ୟାତ୍ମିକ ଡ୍ରାମା ସିନେମା। ରିଲିଜ୍ ପରେ ପ୍ରଥମେ ଏହାର ଆୟ ଆଦୌ ଆଖିଦୃଶିଆ ବା ସେତେ ବେଶି ନ ଥିଲା। ସେତେବେଳେ ଲାଗିଲା ଏହା ଆୟ ମାମଲାରେ କମାଲ୍ କରିବ ନାହିଁ, କିନ୍ତୁ ଅଚାନକ ଏହାର ଗତି ବଦଳିଗଲା। ଫିଲ୍ମଟି ପ୍ରଥମ ଦିନରେ ୧୦ ଲକ୍ଷ ଟଙ୍କା ଆୟ କରିଥିଲା। ଦ୍ୱିତୀୟ ଦିନରେ ୨୦ ଲକ୍ଷ ଓ ତୃତୀୟ ଦିନରେ ଏହା ୩୦ ଲକ୍ଷରେ ପହଞ୍ଚିଥିଲା । ଏହିପରି ଭାବେ 'ହନୁମାନ ଅଂଶ'ର ପ୍ରଥମ ସପ୍ତାହର ସମୁଦାୟ ଆୟ ୧.୦୮ କୋଟି ରହିଲା। ଦ୍ୱିତୀୟ ସପ୍ତାହରେ ୪୦ ଲକ୍ଷ ଆୟ କଲା। ଏହାର ଅର୍ଥ ପ୍ରାରମ୍ଭିକ ଗତି କମ୍ ଥିଲା। ତେବେ ଅଚାନକ ତୃତୀୟ ସପ୍ତାହରେ ଫିଲ୍ମର ଆୟ ବଢ଼ି ୧୦.୪୦ କୋଟିରେ ପହଞ୍ଚିଲା। ସେହିପରି ଚତୁର୍ଥ ସପ୍ତାହରେ ବି ଆୟ ବେଶ୍ ଦମ୍‌ଦାର ରହିଲା। ଫିଲ୍ମଟି ୬୧ କୋଟି ଟଙ୍କା ଆୟ କଲା।

**୩୩ ତମ ଦିନରେ ସର୍ବାଧିକ ଆୟକାରୀ ସିନେମା**

| ଫିଲ୍ମ | ୩୩ ତମ ଦିନର ଆୟ | ବିଶ୍ୱବ୍ୟାପି କଲେକ୍ସନ |
|---|---|---|
| ହନୁମାନ ଅଂଶ | ୧୦.୭୫ କୋଟି | ୧୬୮.୮୫ କୋଟି |
| ଧୁରନ୍ଧର | ୪.୭୫ କୋଟି | ୧,୩୦୭.୩୫ କୋଟି |
| ସ୍ତ୍ରୀ -୨ | ୩.୦୦ କୋଟି | ୮୫୭.୧୫ କୋଟି |
| ୩ ଇଡିୟଟ୍ସ | ୨.୪୮ କୋଟି | ୩୫୦.୦୦ କୋଟି |
| ପଠାନ | ୨.୪୫ କୋଟି | ୧,୦୫୫.୦୦ କୋଟି |



ହିନ୍ଦୀ ସିନେମା 'ହନୁମାନ ଅଂଶ' ରିଲିଜ୍ ହେବା ପରେ ନିମ କରୋଲି ବାବାଙ୍କ ଜୀବନ ଓ ଦର୍ଶନକୁ ନେଇ ସରଗରମ ଆଲୋଚନା ହେଉଛି। କିଏ ଏହି ନିମ କରୋଲି ବାବା? ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ କ'ଣ? ତାଙ୍କର ପ୍ରକୃତ ନାମ କ'ଣ ? 'ନିମ କରୋଲି' ନାମକରଣ ପଛର ରହସ୍ୟ କ'ଣ? ସେ ସବୁବେଳେ କାହିଁକି କମ୍ବଳ ଘୋଡ଼େଇ ହେଉଥିଲେ? କେଉଁଠି ରହିଛି ତାଙ୍କ ଆଶ୍ରମ? ନିମ କରୋଲି ବାବାଙ୍କ ଜୀବନ, ଦର୍ଶନ, ସାଧନା ପୀଠକୁ ନେଇ ଏଇ ସ୍ୱତନ୍ତ୍ର ପ୍ରତିବେଦନ।

# ରହସ୍ୟମୟ ବାବା ନିମ କରୋଲି

## 'ନିମ କରୋଲି' ନାମକରଣ

ବାବାଙ୍କ ନାମକରଣ ପଛରେ ରହିଛି ଏକ ଅଲୌକିକ ଘଟଣା । 'ନିମ କରୋଲି' ନାମ ଉତ୍ତର ପ୍ରଦେଶର 'ନିମ କରୋଲି' ଗାଁ ସହିତ ଜଡ଼ିତ । ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ, ଥରେ ବାବା ଟ୍ରେନ୍‌ରେ ବିନା ଟିକେଟ୍‌ରେ ଯାତ୍ରା କରୁଥିଲେ । ତେଣୁ ତାଙ୍କୁ 'ନିମ କରୋଲି' ଷ୍ଟେସନ୍‌ରେ ଓହ୍ଲାଇ ଦିଆଯାଇଥିଲା । ଏହାପରେ ଟ୍ରେନ୍ ଆଗକୁ ଯାଇ ପାରିନଥିଲା । ତେଣୁ ଲୋକେ ଅତି ଆଗ୍ରହର ସହିତ ବାବାଙ୍କୁ ଆଣି ଟ୍ରେନ୍‌ରେ ବସାଇଥିଲେ । ବାବା ବସିବା ପରେ ପୁଣି ଟ୍ରେନ୍ ଚାଲିବା ଆରମ୍ଭ କରିଥିଲା । ଏହି ଅଲୌକିକ ଘଟଣା ପରେ ସେ 'ନିମ କରୋଲି ବାବା' ନାମରେ ଅଧିକ ପରିଚିତ ହୋଇଥିଲେ । ତେବେ ଏହି ଘଟଣାର ସତ୍ୟତା ଯାହା ବି ଥାଉ ନା କାହିଁକି ତାଙ୍କ ଭକ୍ତମାନଙ୍କ ମୁହଁରୁ ଏହି ଅଲୌକିକ ଘଟଣା ସଂପର୍କରେ ଶୁଣିବାକୁ ମିଳିଥାଏ ।

## ସାଧାରଣ ଜୀବନ ଶୈଳୀ

ବିଂଶ ଶତାବ୍ଦୀର ଜଣେ ମହାନ୍ ଭାରତୀୟ ସନ୍ଥ ଓ ଆଧ୍ୟାତ୍ମିକ ଗୁରୁ ହେଉଛନ୍ତି ନିମ କରୋଲି ବାବା । ତାଙ୍କ ଜୀବନ ଶୈଳୀ ଥିଲା ଅତ୍ୟନ୍ତ ସାଧାରଣ । ତେବେ ତାଙ୍କ ଜୀବନକୁ ନେଇ ଏବେ ବି ଲୋକମାନଙ୍କ ଭିତରେ ଅନେକ ପ୍ରଶ୍ନ ଉଙ୍କି ମାରେ । କେବଳ ଭାରତ ନୁହେଁ, ବିଦେଶରେ ମଧ୍ୟ ଆଧ୍ୟାତ୍ମିକତା ଓ ସେବା ପାଇଁ ବାବା ସୁପରିଚିତ । ଉତ୍ତରାଖଣ୍ଡର କୈଞ୍ଚି ଧାମରୁ ଆରମ୍ଭ କରି ଆମେରିକା ପର୍ଯ୍ୟନ୍ତ ତାଙ୍କର ଲକ୍ଷ ଲକ୍ଷ ଭକ୍ତ ଓ ଅନୁଗାମୀ ରହିଛନ୍ତି । ସେହିପରି ଆପ୍ପଲର ସହ ସଂସ୍ଥାପକ ଷ୍ଟିଭ୍ ଜବ୍‌ସଙ୍କଠାରୁ ଆରମ୍ଭ କରି ଫେସବୁକ୍‌ର ସହ-ସଂସ୍ଥାପକ ମାର୍କ ଜୁକରବର୍ଗ, ଅଭିନେତ୍ରୀ ଜୁଲିଆ ରୋବର୍ଟଙ୍କ ପର୍ଯ୍ୟନ୍ତ ଅନେକ ବିଶିଷ୍ଟ ଶିଳ୍ପପତି, ସେଲିବ୍ରିଟିଙ୍କ ନାମ ବାବାଙ୍କ ସହିତ ଯୋଡ଼ି ହୋଇରହିଛି ।



## ବାବାଙ୍କ ପ୍ରକୃତ ନାମ

ନିମ କରୋଲି ବାବାଙ୍କ ଜନ୍ମ ପ୍ରାୟ ବିଂଶ ଶତାବ୍ଦୀର ଆରମ୍ଭରେ ଉତ୍ତର ପ୍ରଦେଶର ଆକବରପୁର ଅଞ୍ଚଳରେ ହୋଇଥିଲା । ତାଙ୍କ ନାମ ଲକ୍ଷ୍ମଣ ନାରାୟଣ ଶର୍ମା ବୋଲି କୁହାଯାଏ। ପରବର୍ତ୍ତୀ ସମୟରେ ସେ ଭକ୍ତମାନଙ୍କ ଗହଣରେ 'ମହାରାଜ ଜୀ' ନାମରେ ପ୍ରସିଦ୍ଧି ଅର୍ଜନ କରିଥିଲେ । ତେବେ ନିମ କରୋଲି ବାବା ନାମରେ ସେ ଦେଶ ବିଦେଶରେ ପରିଚିତି ଲାଭ କରିଛନ୍ତି ।

## ଭଗବାନ ହନୁମାନଙ୍କ ଭକ୍ତ

ନିମ କରୋଲି ବାବା ଥିଲେ ଭଗବାନ ହନୁମାନଙ୍କ ପରମ ଭକ୍ତ। ଅନେକ ଅନୁଗାମୀ ତାଙ୍କୁ ହନୁମାନଜୀଙ୍କ ଅଂଶ ବା ଅବତାର ବୋଲି ଭକ୍ତି କରୁଥିଲେ। କୈଞ୍ଚି ଧାମରେ ରହିଛି ଭଗବାନ ହନୁମାନଙ୍କ ଏକ ଭବ୍ୟ ମନ୍ଦିର। ଏହି ଧାମର ଭକ୍ତି ପରମ୍ପରାର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ହେଉଛି ଏହି ହନୁମାନ ମନ୍ଦିର । ପ୍ରତିଦିନ ଭକ୍ତମାନେ ଏଠାକୁ ଯାଇ ଭଗବାନ ହନୁମାନଙ୍କ ପୂଜାର୍ଚ୍ଚନା କରିଥାନ୍ତି ।

## ବାବା କମ୍ବଳ ଘୋଡ଼େଇ ହେବା ପଛର କାରଣ

କମ୍ବଳ ଘୋଡ଼େଇ ହୋଇଥିବା ବାବା ନିମ କରୋଲିଙ୍କ ଅନେକ ଫଟୋ ଦେଖିବାକୁ ମିଳିଥାଏ। ଏହା ତାଙ୍କର ଅନ୍ୟତମ ପରିଚୟ ପାଲଟି ଯାଇଥିଲା । ତେବେ କାହିଁକି ସେ ସର୍ବଦା କମ୍ବଳ ଘୋଡ଼େଇ ହେଉଥିଲେ, ତାହାର କୌଣସି ପ୍ରମାଣିକ କାରଣ ନାହିଁ । କେତେକ ଭକ୍ତ ଏହାକୁ ତାଙ୍କ ଜୀବନର ସରଳତା ଓ ବୈରାଗ୍ୟର ପ୍ରତୀକ ବୋଲି କହିଥାଆନ୍ତି । ବାବାଙ୍କ ପୋଷାକ ପରିଧାନ ଥିଲା ଅତି ସାଧାରଣ। ସେ କାହାକୁ ଦେଖାଇ ହେବା ପାଇଁ ପୋଷାକ ପରିଧାନ କରୁ ନଥିଲେ। ତେଣୁ ସାଧାରଣ କମ୍ବଳ ଗୋଟିଏ ଘୋଡ଼େଇ ହେଉଥିବା ଦେଖିବାକୁ ମିଳୁଥିଲା ।



## 'କୈଞ୍ଚି ଧାମ'ର ନାମକରଣ

ଉତ୍ତରାଖଣ୍ଡରେ ନୈନିତାଲ-ଆଲ୍‌ମୋଡ଼ା ରାସ୍ତା କଡ଼ରେ ରହିଛି କୈଞ୍ଚି ଧାମ । ସୁଦୃଶ୍ୟ ପାହାଡ଼, ସବୁଜ ବନାନୀର ଶାନ୍ତ ପରିବେଶରେ ଅବସ୍ଥିତ ଏହି ପବିତ୍ର ପୀଠ । ଏହି ଧାମର ନାମ ଶୁଣିଲେ ଅନେକ ଲୋକଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଥାଏ- କାହିଁକି ଧାମର ନାମ 'କୈଞ୍ଚି ଧାମ' ରଖାଯାଇଛି ? କୈଞ୍ଚି ସହିତ ଏହାର କ'ଣ ସମ୍ବନ୍ଧ ରହିଛି? ଏହି ଆଶ୍ରମଟି ଯେଉଁଠି ଅବସ୍ଥିତ, ସେଠାରେ ଦୁଇଟି ପାହାଡ଼ ପରସ୍ପରକୁ ଏପରି ଭାବେ କାଟିଛନ୍ତି, ଦେଖିବାକୁ ଠିକ୍ କଇଁଚି ଭଳି ଲାଗେ । ରାସ୍ତା ଦୁଇଟି ତୀକ୍ଷ୍ଣ ବାଙ୍କ କଇଁଚିର ଧାର ଭଳି ଦେଖାଯାଏ। ସ୍ଥାନୀୟ ଭାଷାରେ ଏହାକୁ କୈଞ୍ଚି କୁହାଯାଏ । ସେଥିପାଇଁ ଏହି ସ୍ଥାନର ନାମକରଣ 'କୈଞ୍ଚି ଧାମ' ରଖାଯାଇଥିବା କୁହାଯାଏ। ପ୍ରତିବର୍ଷ ଏହି ଧାମକୁ ଲକ୍ଷ ଲକ୍ଷ ସଂଖ୍ୟାରେ ଶ୍ରଦ୍ଧାଳୁ ଦର୍ଶନ ପାଇଁ ପହଞ୍ଚିଥାନ୍ତି ।

## କୈଞ୍ଚି ଧାମର ପ୍ରତିଷ୍ଠା

କୈଞ୍ଚି ଧାମ ହେଉଛି ବାବା ନିମ କରୋଲି ମହାରାଜଙ୍କ ମୁଖ୍ୟ ଆଧ୍ୟାତ୍ମିକ ସ୍ଥଳ । ବାବା ପ୍ରଥମ ଥର ପ୍ରାୟ ୧୯୬୧ ମସିହାରେ ଏଠାକୁ ଆସିଥିଲେ। ପରବର୍ତ୍ତୀ ସମୟରେ ଏଠାରେ ଆଶ୍ରମ ଓ ହନୁମାନ ମନ୍ଦିର ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କଲେ। ୧୫ ଜୁନ୍ ୧୯୬୪ ମସିହାରେ ହନୁମାନଜୀଙ୍କ ମୂର୍ତ୍ତିର ପ୍ରାଣ ପ୍ରତିଷ୍ଠା କରାଯାଇଥିଲା । ତେଣୁ ପ୍ରତିବର୍ଷ ଜୁନ୍ ୧୫ ତାରିଖକୁ କୈଞ୍ଚି ଧାମ ପ୍ରତିଷ୍ଠା ଦିବସ ଭାବେ ପାଳନ କରାଯାଏ। ଏହି ସମୟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥାଏ । ନିମ କରୋଲି ବାବାଙ୍କ କୈଞ୍ଚି ଧାମ ସହିତ ବିଶ୍ୱର ଚର୍ଚ୍ଚିତ ବ୍ୟକ୍ତିଙ୍କ ନାମ ଯୋଡ଼ି ହୋଇରହିଛି। ଆପ୍ପଲର ସହ ସଂସ୍ଥାପକ ଷ୍ଟିଭ୍ ଜବ୍‌ସ ଭାରତ ଆଗମନ ସମୟରେ କୈଞ୍ଚି ଧାମକୁ ଯାଇଥିଲେ । ସେହିପରି ଫେସବୁକ୍‌ର ସହ-ସଂସ୍ଥାପକ ମାର୍କ ଜୁକରବର୍ଗ ମଧ୍ୟ ଆଶ୍ରମ ଦର୍ଶନରେ ଯାଇଥିଲେ। ସେ ଏହି ଯାତ୍ରାକୁ ନିଜ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ଅନୁଭବ ବୋଲି କହିଥିଲେ । ଏହି ଘଟଣା କୈଞ୍ଚି ଧାମକୁ ବିଶ୍ୱ ସ୍ତରରେ ଅଧିକ ପ୍ରସିଦ୍ଧି ଆଣି ଦେଇଥିଲା ।

୧୯୭୩ ସେପ୍ଟେମ୍ବର ୧୧ ତାରିଖରେ ନିମ କରୋଲି ବାବା ବୃନ୍ଦାବନରେ ଦେହ ତ୍ୟାଗ କରିଥିଲେ। ବାବାଙ୍କ ମହାପ୍ରୟାଣର ଦଶନ୍ଧି ଦଶନ୍ଧି ପରେ ମଧ୍ୟ ତାଙ୍କ ପ୍ରତି ଲୋକଙ୍କ ଶ୍ରଦ୍ଧା ବଢ଼ିବାରେ ଲାଗିଛି। କୈଞ୍ଚି ଧାମରେ ଆଜି ମଧ୍ୟ ଦେଶ ବିଦେଶର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗୁଛି। ବାବାଙ୍କ ସ୍ମୃତି ସହିତ ଜଡ଼ିତ ଆଧ୍ୟାତ୍ମିକତାକୁ ଅନୁଭବ କରିବାକୁ ଅଗଣିତ ଭକ୍ତ ଏହି ପବିତ୍ର ଧାମକୁ ଧାଇଁ ଆସୁଛନ୍ତି । ନିମ କରୋଲି ବାବାଙ୍କ ଜୀବନ ଯେତିକି ରହସ୍ୟମୟ, ତାଙ୍କ ସରଳ ଜୀବନ ଶୈଳୀ ଲୋକଙ୍କୁ ସେତିକି ଆକର୍ଷିତ କରିଥାଏ। ବୋଧହୁଏ ସେଥିପାଇଁ ଏବେ ବି ନିମ କରୋଲି ବାବାଙ୍କ ଜୀବନ, ଶିକ୍ଷା ଓ ଅଲୌକିକ କାହାଣୀ ସଂପର୍କରେ ଜାଣିବା ପାଇଁ ଲୋକଙ୍କ ଭିତରେ ଉତ୍ସୁକତା ଭରି ରହିଛି ।

ନିମ କରୋଲି ବାବାଙ୍କ ପ୍ରେରଣାପ୍ରଦ ଜୀବନକୁ ନେଇ ତିଆରି ହୋଇଛି 'ହନୁମାନ ଅଂଶ' ସିନେମା। ଏହି ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକମାନେ ବାବାଙ୍କ ସରଳ, ନିରାଡ଼ମ୍ବର ଜୀବନ ଶୈଳୀ, ସେବା ମନୋବୃତ୍ତି ଓ ଆଧ୍ୟାତ୍ମିକ ଜୀବନ ସଂପର୍କରେ ଜାଣିବାକୁ ପାଉଛନ୍ତି । ■



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର

## ରାଜ୍ୟରେ ବଳ ପାଉନି, ଆଉ ପାକିସ୍ତାନ !



ରାଜଧାନୀରେ ପାଁଶ ଏକର ଜମିକୁ ଲୋକେ ଜବରଦଖଲ କରିଛନ୍ତି । ତାକୁ ମୁକୁଳାଇବା ତ ଦୂର ର କଥା ଜବରଦଖଲକାରୀଙ୍କ ଦେହରେ ଟିପ ମାରିବାକୁ ସରକାର ଭୟ କରୁଛନ୍ତି । ମାତ୍ର ଏମାନେ କୁଆଡ଼େ ପାକିସ୍ତାନରେ ମହାପ୍ରଭୁ ଜଗନ୍ନାଥଙ୍କ ନାମରେ ଥିବା ଜମିକୁ ଉଦ୍ଧାର କରିବେ? ୟାକୁ କହନ୍ତି, ତାଳ ଗଛକୁ ଫେପଡ଼ ଫିଙ୍ଗା । ଷାଠିଏ ମହଣ ଘିଅ ହେବ ନା ରାଧା ନାଚିବ... । ଇମିତି ଇମିତି ଅଢ଼େଇ ବର୍ଷ ଗଲାଣି, ଆଉ ଅଢ଼େଇ ବର୍ଷ କୁଆଡ଼େ ସରିଯିବ... । ଏମାନେ ପଳାଇବେ ଓ କହିଥିବା କଥା ବି ଭୁଲିଯିବେ... । ରାମମନ୍ଦିର ଆଖଡ଼ା ପଛପଟେ ଚା' ଖଟିରେ ଚାଲିଥିଲା ଏମିତି ଚର୍ଚ୍ଚା । ଆଉ ଏହି ଚର୍ଚ୍ଚାର ପରିଧିରେ ଥିଲେ ବିଶ୍ୱଭୂଷଣ ନନ୍ଦନ ତଥା ଆଇନ, ଅବକାରୀ ଓ ପୂର୍ତ୍ତ ବିଭାଗର ପ୍ରତାପୀ ମନ୍ତ୍ରୀ ବାବୁ ପୃଥ୍ୱୀରାଜ । ମହାପ୍ରଭୁଙ୍କ ଜମି ପ୍ରସଙ୍ଗରେ ପୃଥ୍ୱୀରାଜବାବୁ କ'ଣ କହିଥିଲେ ଓ ଏହି ପ୍ରସଙ୍ଗରେ ସେ କ'ଣ ପଦକ୍ଷେପ ନେବେ ତାହା ଆମକୁ ଜଣାନାହିଁ । ମାତ୍ର ପାକିସ୍ତାନରେ ମହାପ୍ରଭୁ ଜଗନ୍ନାଥଙ୍କ ଜମି କଥାଟା କାହିଁକି କେଜାଣି ଆମକୁ ଅଡୁଆ ଶୁଭୁଛି । ପଡ଼ୋଶୀ ଆନ୍ଧ୍ର ସରକାରଙ୍କ ମନ୍ତ୍ରୀ ଓ ଅଧିକାରୀ କୋଟିଆ ଗ୍ରାମପୁଞ୍ଜକୁ ଘନଘନ ଗସ୍ତ କରି ସେଠାରେ ଆନ୍ଧ୍ର ନୀତି ପ୍ରଚଳନ ପାଇଁ ଯୋଜନା କରୁଛନ୍ତି । ଛତିଶଗଡ଼ ମହାନଦୀକୁ ମାରିବାକୁ ବସିଛି, ପଶ୍ଚିମବଙ୍ଗ ସୁବର୍ଣ୍ଣରେଖାକୁ ଦଖଲ ଯୋଜନା କରୁଛି । ଓଡ଼ିଶା, ଛତିଶଗଡ଼ ଓ ପଶ୍ଚିମବଙ୍ଗରେ ପଦ୍ମ ଦଳ ଶାସନ କରୁଛି । ଆନ୍ଧ୍ରରେ ପଦ୍ମ ଦଳ ସରକାରଙ୍କ ସହଯୋଗୀ । ଏଠାରେ ରାଜ୍ୟର ମାଟି ପାଣି ସୁରକ୍ଷିତ ନୁହେଁ; ପଡ଼ୋଶୀଙ୍କ କବଳରୁ ମାଟି-ପାଣି ଉଦ୍ଧାର କରିବାକୁ ସରକାର ଅକ୍ଷମ, ପାକିସ୍ତାନରେ ମହାପ୍ରଭୁଙ୍କ ଜମି ଥିଲେ କେତେ? ନ ଥିଲେ କେତେ? ■

## ହାତ ମଠ ମହନ୍ତଙ୍କ ନୂଆ ଫର୍ମୁଲା



ମାଷ୍ଟରକ୍ୟାଣ୍ଟିନ ହାତ ମଠ ମହନ୍ତ ବାବୁ ଭକ୍ତଚରଣ ଏବେ ଏକ ନୂଆ ନିୟମ କରିଛନ୍ତି । ଯିଏ ନିର୍ବାଚନମଣ୍ଡଳୀରେ ରହିବ, ସେ ଟିକଟ ପାଇବ । ଅର୍ଥାତ୍ ତୃଣମୂଳସ୍ତର ଲୋକଙ୍କ ସହ ଯୋଡ଼ି ହୋଇ ନ ରହିଲେ ଟିକଟ ମିଳିବ ନାହିଁ । ମାସରେ ଅତି କମ୍‌ରେ ୨୦ ଦିନ ନିଜ ଅଞ୍ଚଳରେ ରୁହ, ନହେଲେ ଟିକଟ ଭୁଲିଯାଅ ବୋଲି ଭକ୍ତବାବୁ ରୋକ୍‌ଠୋକ୍ କହିଛନ୍ତି । ଦଳକୁ ସଂଗଠିତ କରିବା ଓ ଲୋକଙ୍କ ମଧ୍ୟରେ ଦଳ ପ୍ରତି ବିଶ୍ୱାସ ବଢ଼ାଇବା ନିମନ୍ତେ ଏହା ନିଶ୍ଚିତ ଭାବରେ ପ୍ରଶଂସନୀୟ ଉଦ୍ୟମ । ଭକ୍ତବାବୁଙ୍କ ଫର୍ମୁଲା ସଂଗଠନକୁ ତଳସ୍ତରରେ ମଜବୁତ କରିବ ବୋଲି ଅନେକ ନେତା ମନେ କରୁଛନ୍ତି । ମାତ୍ର ହାତ ଦଳର ଡ଼ିଏନ୍‌ଏରେ ନିୟମ ଭାଙ୍ଗିବାର ଯେଉଁ ଅଲିଖିତ ନିୟମଟି ରହିଛି, ତାହାକୁ କିପରି ଭକ୍ତବାବୁ ମୁକାବିଲା କରିବେ ତାହା ଅନେକ ବୁଝିପାରୁନାହାନ୍ତି । ଅନ୍ୟପକ୍ଷରେ ରାଜନୀତିରେ ଯେଉଁଠି ନିୟମ କରାଯାଏ, ସେଠାରେ ସ୍ୱାଭାବିକ ଭାବରେ ଅନେକ ପ୍ରଶ୍ନ ବି ଆପେଆପେ ଉତ୍ପନ୍ନ ହୋଇଥାଏ । ନିୟମଟି କିଏ ତିଆରି କଲା, କାହିଁକି ତିଆରି କଲା, ଏହା ପ୍ରଥମେ କାହା ଉପରେ ଲାଗୁହେବ ବୋଲି ବି ପ୍ରଶ୍ନ ଉଠେ । ହାତ ନେତାମାନେ ନିର୍ବାଚନମଣ୍ଡଳୀରେ ମାସରେ ୨୦ ଦିନ ରହିଲେ ରାଜଧାନୀର ଚା' ଦୋକାନଗୁଡ଼ିକର ଅବସ୍ଥା କ'ଣ ହେବ ବୋଲି କିଛି ଚଗଲା ନେତା ପ୍ରଶ୍ନ କରୁଛନ୍ତି । ମାତ୍ର ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଯେତେବେଳେ ନିୟମକର୍ତ୍ତା ନିଜେ ନିୟମକୁ ଅନୁପାଳନ କରନ୍ତି, ସେତେବେଳେ ଦଳର ନେତା ଓ କର୍ମୀ ତାହାର ଅନୁସରଣ କରିଥାଆନ୍ତି । ନହେଲେ ଦଳୀୟ ନେତା କହିବେ ଆମ ପାଇଁ ୨୦ ଦିନ ଗାଁ, ଆପଣଙ୍କ ପାଇଁ ୩୦ ଦିନ ରାଜଧାନୀ? ଏହା କେଉଁ ନୂଆ ସଂଗଠନ ଶାସ୍ତ୍ର ? ■

## ରାଜନୀତି ପଦ୍ମବନରେ ଅମର ପାଠ



କଟକରେ ଅନୁଷ୍ଠିତ ଦଳୀୟ ରାଜ୍ୟ କାର୍ଯ୍ୟକାରିଣୀରେ ସଂଗଠନ ବଢ଼ାଇବାକୁ ଅମର ପାଠ ପୁରୁଖା ପଦ୍ମ ନେତାଙ୍କୁ କୁଆଡ଼େ ପ୍ରବଳ ବଦହଜମ ହୋଇଛି । କିଛି ପୁରୁଣା ନେତା କୁଆଡ଼େ ମୁଣ୍ଡକୁ ଡେସ୍କରେ ପିଟିପିଟି ବଥା କରି ଦେଇଥିବା ଖବର ବି ଆସୁଛି । ଯେଉଁମାନେ ବର୍ଷବର୍ଷ ଧରି ଦଳର ପତାକା ଧରି ପ୍ରଚାର କଲେ, ଗାଁ ଗାଁ ବୁଲି ଖରା ବର୍ଷାରେ ସଙ୍ଗଠନ କଲେ, ଦଳକୁ ସରକାରକୁ ଆଣିଲେ; ସେମାନଙ୍କୁ ଅନ୍ୟଦଳର ଆମଦାନୀ ନେତା ଯଦି ସଙ୍ଗଠନ ପାଠ ପଢ଼ାଇବେ, ତାହା କ'ଣ ସହଜରେ ହଜମ ହେବ । ଅମରବାବୁ ସରକାରୀ ଅଧିକାରୀ ଥିଲେ, ରାଜନୈତିକ ଦଳର ସଙ୍ଗଠନ , ଗାଁରେ ଲୋକଙ୍କ ସହ ଭାବ ବିନିମୟ, ବୁଥ୍ ପରିଚାଳନା ସମ୍ପର୍କରେ ତାଙ୍କର ସାମାନ୍ୟତମ ଧାରଣା ଥିବ କି ନାହିଁ ସନ୍ଦେହ । ସେ ଯଦି ଆସି ସଙ୍ଗଠନ, ବୁଥ୍ ପରିଚାଳନା ପାଠ ପଢ଼ାଇବେ, ସେଥିରେ କିଏ ଅସୁଖୀ ନ ହେବ ? ଯେଉଁ ନେତା ଓ କର୍ମୀମାନେ ଦଶନ୍ଧି ଦଶନ୍ଧି ଧରି ଗାଁଗଣ୍ଡାରେ ସଙ୍ଗଠନ କରି ଦଳକୁ ସରକାରକୁ ଆଣିଲେ, ସେହି କର୍ମୀମାନଙ୍କୁ ସଂଗଠନ ପାଠ ପଢ଼ାଇବା ଯାହା; ମା'କୁ ମାମୁଁଘର କାହାଣୀ କହିବା ସେଇଆ । କାର୍ଯ୍ୟକାରିଣୀରେ ବସ୍ତାନୀ ଧରି ବାହାରୁଥିବା ଜଣେ ପୁରୁଖା ନେତା ଅନ୍ୟଜଣକୁ କହୁଥିଲେ- ବାଉଁଶ, ନଡ଼ା ଯୋଗାଡ଼ କରି ଆମେ ଘର ତିଆରି କଲୁ, ଆଉ ଅତିଥି ହୋଇ ଆସିଥିବା ଲୋକ ଆମକୁ ଘର ତିଆରି ଶିଖାଉଛନ୍ତି । କହିବା କାହାକୁ ? ଆପଣା ସୁନା ତ ଭେଣ୍ଡି । ନ ହେଲେ ଏମାନେ ଆସି ଆମକୁ ପାଠ ପଢ଼ାଇବେ, ଆଉ ଆମେ ବସି ତାଙ୍କ ଅମର ପାଠ ଶୁଣିବୁ ? ■

## ରହସ୍ୟ ସନ୍ଧାନୀ ପୁରସ୍କାର



ଗତ ଶତାବ୍ଦୀର ଅଶୀ ଦଶକରେ କଣ୍ଟୁରୀ ଦାସ, ପ୍ରମୋଦ ପଣ୍ଡା, ବିଜୟ ରଣାଙ୍କ ରହସ୍ୟ ଉପନ୍ୟାସ ପ୍ରତି ସେ ସମୟର ତରୁଣ ପିଢ଼ିର ଆକର୍ଷଣ ଥିଲା ଅତି ପ୍ରବଳ । ବିଜୟ ରଣାଙ୍କୁ କେହିକେହି ରହସ୍ୟ କୁମାର ବୋଲି ଅଭିହିତ କରୁଥିଲେ, କଣ୍ଟୁରୀ ଦାସଙ୍କୁ ରହସ୍ୟ ସମ୍ରାଟ ବୋଲି ବି ଅନେକ କହୁଥିଲେ । ସୌଭାଗ୍ୟ ହେଉ ବା ଦୁର୍ଭାଗ୍ୟ; ସେ ସମୟରେ ଡ଼. ଶରଭଣା ବିବେକଙ୍କର ଆବିର୍ଭାବ ଘଟି ନ ଥିଲା । ଯଦି ସେତେବେଳେ ଆଇପିଏସ୍ ଶରଭଣା ବାବୁ ରହସ୍ୟ ଉପନ୍ୟାସ ଲେଖୁଥାଆନ୍ତେ; ତେବେ ରହସ୍ୟ କୁମାର, ରହସ୍ୟ ସମ୍ରାଟ, ରହସ୍ୟ ଗଜପତି ଆଦି ସବୁ ପୁରସ୍କାର ସେ ଗୋଟାଇ ନେଇ ଯାଇଥାଆନ୍ତେ । ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମ୍ପୃକ୍ତିକୁ ନେଇ ଆମ ଶରଭଣା ବାବୁ ଯେଉଁ ତଥ୍ୟ ସବୁ ସେତେବେଳେ ଗଣମାଧ୍ୟମ ସାମ୍ନାରେ କହିଥିଲେ, ବୋଧହୁଏ ସେଥିପାଇଁ ତାଙ୍କୁ ଦଶନ୍ଧିର ରହସ୍ୟ ସନ୍ଧାନୀ ପୁରସ୍କାର ଦେବାକୁ କମାପଲ୍ଲୀରୁ ଗେଟବଜାର ପର୍ଯ୍ୟନ୍ତ ସବୁଠି ଦାବି ହେଲାଣି । ପୁଲିସର କାମ ହେଉଛି ସତ୍ୟର ଅନୁସନ୍ଧାନ କରିବା । ମାତ୍ର ତଦନ୍ତ ଓ ଅନୁସନ୍ଧାନ ଯଦି ବାଟବଣା ହୁଏ, ତେବେ ଲୋକେ କାହାକୁ ଭରସା କରିବେ? ପୁଲିସ ଚାକିରି ଆଉ ସରକାରୀ ଚାପ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି କୁହାଯାଏ । ମାତ୍ର ପୁଲିସ ପୋଷାକ ପିନ୍ଧୁଥିଲେ ବି ଶରଭଣା ବାବୁ ବାସ୍ତବରେ ପରା ଜଣେ ଡାକ୍ତର; ଆଉ ଡାକ୍ତରଙ୍କୁ ଲୋକେ ଭଗବାନ ମାନନ୍ତି । ଏ କଥା ସେ ଭୁଲିଯାଉଛନ୍ତି କିପରି? ପୀତବାସ ହତ୍ୟା ମାମଲାରେ ବିକ୍ରମ ପଣ୍ଡାଙ୍କ ଗିରଫଦାରୀର ଆଇନଗତ ଓ ପ୍ରଶାସନିକ ଦିଗକୁ ନେଇ ଉଚ୍ଚନ୍ୟାୟାଳୟ ଯେଉଁ ପ୍ରଶ୍ନ ଉଠାଇଛନ୍ତି; ତାକୁ ନେଇ ଶରଭଣା ବାବୁ ନିଜ ବିବେକ ପାଖରେ କେତେ ଉତ୍ତରଦାୟୀ, ସେ କଥା ସେ ହିଁ କେବଳ ଜାଣନ୍ତି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।

# 'ହନୁମାନ ଅଂଶ'ରେ ଅଭିନୟ ଓ ସଙ୍ଗୀତର ଯାଦୁ







**ମହାନ ସନ୍ଥ ନିମ କରୋଲି ବାବାଙ୍କ ଜୀବନ ଉପରେ ଆଧାରିତ ଚଳଚ୍ଚିତ୍ର 'ହନୁମାନ ଅଂଶ'କୁ ନେଇ ଚାରିଆଡ଼େ ଚର୍ଚ୍ଚା ହେଉଛି । ୨୦୨୬ ମସିହାରେ ମୁକ୍ତିଲାଭ କରିଥିବା ହିଟ୍ ଫିଲ୍ମ ମଧ୍ୟରେ ଏହା ଅନ୍ୟତମ । ଏହି ଫିଲ୍ମର କାହାଣୀକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି । ସେହିପରି ଆଧ୍ୟାତ୍ମିକତା, ଆସ୍ଥା, ମାନବ ସେବା ଉପରେ ଆଧାରିତ ଏହି ସିନେମାରୁ ଯୁବପିଢ଼ି ଅନେକ କିଛି ଶିଖିବାକୁ ପାଇଛନ୍ତି । ଜାତୀୟ ସ୍ତରରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମକୁ ବିଶ୍ୱସ୍ତରରେ ରିଲିଜ୍ କରିବାକୁ ନିର୍ମାତାମାନେ ଯୋଜନା କରୁଛନ୍ତି । ଫିଲ୍ମକୁ ନେଇ ଦର୍ଶକଙ୍କ ଜବରଦସ୍ତ ପ୍ରତିକ୍ରିୟା ସାମ୍ନାକୁ ଆସିଥିବାବେଳେ, ସାମାଜିକ ଗଣମାଧ୍ୟମରେ ଏବେ ଏହାର କ୍ରେଜ୍ ଦେଖିବାକୁ ମିଳିଛି । ଫିଲ୍ମର କାହାଣୀ , ଅଭିନେତାଙ୍କ ଅଭିନୟ ଏବଂ ଭାଇରାଲ୍ ସଙ୍ଗୀତକୁ ନେଇ ଏହି ଉପସ୍ଥାପନା ।**

## ଅଭିନୟରେ ଚମତ୍କାରିତା

'ହନୁମାନ ଅଂଶ' ଫିଲ୍ମରେ ଉତ୍ତର ପ୍ରଦେଶ ଅକବରପୁର ଗାଁର ଲକ୍ଷ୍ମଣ ନାରାୟଣ ଶର୍ମାଙ୍କ କାହାଣୀ ଦର୍ଶାଯାଇଛି । ଯିଏକି ପରବର୍ତ୍ତୀ ସମୟରେ ନିମ୍ କରୋଲୀ ବାବା ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି । ଫିଲ୍ମରେ ତାଙ୍କର ଆଧ୍ୟାତ୍ମିକ ଯାତ୍ରା ଦେଖାଯିବା ସହ ତାଙ୍କ ପିଲାଦିନରୁ ନେଇ ସନ୍ଥ ହେବା ପର୍ଯ୍ୟନ୍ତ ପ୍ରତିଟି ମୁହୂର୍ତ୍ତକୁ ସୁନ୍ଦର ଭାବେ ଚିତ୍ରଣ କରାଯାଇଛି । ଫିଲ୍ମର କାହାଣୀ ଲକ୍ଷ୍ମୀ ନାରାୟଣଙ୍କଠାରୁ ଆରମ୍ଭ ହୋଇଛି । ସେ ପରବର୍ତ୍ତୀ ସମୟରେ ନିମ୍ କରୋଲି ବାବା ଅର୍ଥାତ୍ 'ମହାରାଜଜୀ' ଭାବେ ପ୍ରସିଦ୍ଧ ଲାଭ କରିଛନ୍ତି । ଏଥିସହ ଫିଲ୍ମରେ ବାବଙ୍କ ଜୀବନ ସହ ଜଡ଼ିତ ଅନେକ ଅଲୌକିକ କାହାଣୀମାନ ଦେଖାଯାଇଛି । ଶୋଭିନବ ସତ୍ୟା ନିମ୍ କରୋଲି ବାବା ଭୂମିକାରେ ଚମତ୍କାର ଅଭିନୟ କରିଛନ୍ତି । ଶୋଭିନବ ସତ୍ୟାଙ୍କ ଅଭିନୟକୁ ଦର୍ଶକେ ଭୂରି ଭୂରି ପ୍ରଶଂସା କରୁଛନ୍ତି ।

ହନୁମାନ ଅଂଶ ଜରିଆରେ ଶୋଭିନବ ସତ୍ୟା ପ୍ରଥମ ଥର ପାଇଁ ଅଭିନୟ ଜଗତରେ ପାଦ ଛାପିଛନ୍ତି । ଅଭିନେତା ଭାବେ ଏହା ତାଙ୍କର ପ୍ରଥମ ଫିଲ୍ମ । ଏହା ପୂର୍ବରୁ ସେ ଆସିଷ୍ଟାଣ୍ଟ ଡିରେକ୍ଟର ଭାବେ କ୍ୟାରିୟର ଆରମ୍ଭ କରିଥିଲେ । କ୍ୟାମେରା ଅନ୍ତୁଆଳରେ ରହି ସେ ଫିଲ୍ମ ସୁଟିଂର ପ୍ରତିଟି ଦିଗକୁ ବିଶ୍ଳେଷଣ କରିଥିଲେ । ଡିରେକ୍ସନ ଟିମ୍ ସହ କାର୍ଯ୍ୟ କରିବା ପରେ ସେ ଫିଲ୍ମ ନିର୍ମାଣ ପ୍ରକ୍ରିୟା ସଂପର୍କରେ ବୁଝିଥିଲେ । ଯାହାର ଫାଇଦା ଏବେ ତାଙ୍କୁ ଅଭିନୟରେ ମିଳିପାରିଛି । ୨୦୧୯ ମସିହାରେ ମୁକ୍ତିଲାଭ କରିଥିବା 'ରାଗିନି ଏମ୍‌ଏମ୍‌ଏସ୍ ରିଟର୍ଣ୍ଣ'ରେ ସେ ଟ୍ରେନି ଆସିଷ୍ଟାଣ୍ଟ ଡିରେକ୍ଟର ଭାବେ କାର୍ଯ୍ୟ କରିଥିଲେ । ଏଥିସହ ପପୁଲାର ଟିଭି ସୋ 'ସିଆଇଡି'ରେ ଦ୍ୱିତୀୟ ସହକାରୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ବହନ କରିଥିଲେ । ଫିଲ୍ମ ନିର୍ଦ୍ଦେଶକ ବିଶାଲ ଚତୁର୍ବେଦୀ ତାଙ୍କ ଦକ୍ଷତା ଓ ପ୍ରତିଭା ଦେଖି 'ନିମ କରୋଲି ବାବା' ଭୂମିକା ପାଇଁ ମନୋନୀତ କରିଥିଲେ । ଏହି ଚରିତ୍ର ପାଇଁ ଶୋଭିନବ ବାବାଙ୍କ ବ୍ୟକ୍ତିତ୍ୱ ଏବଂ ଆଧ୍ୟାତ୍ମିକ ଚିନ୍ତାଧାରାକୁ ବୁଝିବାକୁ ପ୍ରୟାସ କରିଥିଲେ । ପରଦାରେ ସେ ଏହି ଆଧ୍ୟାତ୍ମିକ ଚରିତ୍ରକୁ ଖୁବ୍ ଚମତ୍କାର ଭାବେ ପ୍ରତିଫଳିତ କରିଛନ୍ତି । ଦୁଇ କୋଟିରେ ନିର୍ମିତ ଏହି ଫିଲ୍ମ ଦର୍ଶକଙ୍କ ମଧ୍ୟରେ ଗଭୀର ଛାପ ସୃଷ୍ଟି କରିଛି । ଡ. ବିଶାଲ ଚର୍ତୁବେଦୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ଚନ୍ଦନ ଆନନ୍ଦ, ପୂର୍ଣ୍ଣିମା ତିୱାରୀ, ଶୋଭିନବ ସତ୍ୟା ଏବଂ ବିହାନ ସେଉଗେ ପ୍ରମୁଖ ଚରିତ୍ରରେ ଅଭିନୟ କରିଛନ୍ତି ।

## ହୃଦୟସ୍ପର୍ଶୀ ଗୀତ

'ହନୁମାନ ଅଂଶ'ର ଅଭୂତପୂର୍ବ ସଫଳତା ପଛରେ ଏହାର ଭାବପୂର୍ଣ୍ଣ ସଙ୍ଗୀତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । **'ଆବାଗମନ...', 'ଜବ୍ ଜିଦ୍ ମେଁ ଆ ଗୟି ପାର୍ବତୀ...',' ମୈନେ ତେରେ ହି ଭରସୋ ହନୁମାନ...'** ଆଦି ଗୀତ ଖୁବ୍ ଲୋକପ୍ରିୟ ଓ ଭାଇରାଲ୍ ହୋଇଛି । ବିଶେଷ କରି ୨୫ ବର୍ଷିୟ ଦୃଷ୍ଟିବାଧିତ ସୁନୀଲ ଲୋଧି ଗାଇଥିବା ଗୀତ **'ମୈନେ ତେରେ ହି ଭରୋ ସେ...'** ଗୀତ କୋଟି କୋଟି ଶ୍ରୋତା ଏବଂ ହନୁମାନ ପ୍ରେମୀଙ୍କ ହୃଦୟକୁ ଛୁଇଁ ପାରିଛି । ସୁନୀଲଙ୍କ କଣ୍ଠରେ ଏହି ଗୀତ ଖୁବ୍ ଭାବପ୍ରବଣ ହେବା ସହ ହୃଦୟସ୍ପର୍ଶୀ ହୋଇଥିଲା । ଏହା 'ହନୁମାନ ଅଂଶ' ଫିଲ୍ମର ଭାଇରାଲ୍ ଗୀତ ଭାବେ ପରିଚିତ । ସାମାଜିକ ଗଣମାଧ୍ୟମରୁ ଆରମ୍ଭ କରି ସବୁଠି ଏହି ଗୀତକୁ ନେଇ ବେଶ୍ ଚର୍ଚ୍ଚା ହେଉଛି । ତେବେ ଲୋଧିଙ୍କ ଏହି ସଙ୍ଗୀତ ଯାତ୍ରା ଭକ୍ତିଗୀତରୁ ଆରମ୍ଭ ହୋଇଥିଲା । ତାଙ୍କର ତମ୍ବୁରା ବଜାଇ ଗୀତ ଗାଇବା ଶୈଳୀ ହନୁମାନ ଅଂଶ ମେକର୍ସଙ୍କ ଧ୍ୟାନ ଆକର୍ଷଣ କରିଥିଲା । ଯାହା ତାଙ୍କୁ ଗୀତ ଗାଇବା ପାଇଁ ମୁମ୍ବାଇ ଟାଣି ଆଣିଥିଲା ।

ସେହିପରି **'ହନୁମାନ ଅଂଶ'ର 'ପାର୍ବତୀ...'** ଗୀତ ଆଉ ଏକ ଲୋକପ୍ରିୟ ଗୀତ । ଗୀତର ସ୍ୱତନ୍ତ୍ରତା ଅନୁଯାୟୀ, ଏହା ହିନ୍ଦୀ ବଦଳରେ ବୁନ୍ଦେଲୀ ଭାଷାରେ ରେକର୍ଡ କରାଯାଇଛି । ଏଥିରେ ମା' ପାର୍ବତୀଙ୍କ ବିଷୟରେ ବର୍ଣ୍ଣନା ରହିଛି । ବିଶେଷ କରି ମଧ୍ୟପ୍ରଦେଶ ଏବଂ ଉତ୍ତର ପ୍ରଦେଶର ବୁନ୍ଦେଲଖଣ୍ଡରେ ଏହି ଭାଷା ପ୍ରଚଳିତ ହୋଇଥାଏ । ଏହି ଗୀତର ମଧୁରତା ହିଁ ସମସ୍ତଙ୍କ ହୃଦୟକୁ ଛୁଇଁ ପାରିଛି । ଏହି ଗୀତରେ ମନ୍ତ୍ରମୁଗ୍ଧ



କଲା ଭଳି ଶକ୍ତି ରହିଛି । ଏଠାରେ ଅଜଣା ଲୋକଙ୍କୁ ଦାଉ, ଭାୟା ଏବଂ କକା କହି ସମ୍ବୋଧନ କରାଯାଏ । ଏହି ଭାଷା ସହଜ ଏବଂ ସହଜରେ ସ୍ମରଣ ରହୁଥିବାରୁ ଏହାକୁ ସମସ୍ତେ ଗୁଣୁଗୁଣାଇ ଥାଆନ୍ତି । ୟୁଟ୍ୟୁବ୍‌ରେ ଏହାକୁ ପାଞ୍ଚ ମିଲିୟନରୁ ଅଧିକ ଦର୍ଶକଙ୍କ ଦେଖି ସାରିଲେଣି । ଏକମାସ ପରେ ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚା ସାଉଁଟୁଛି । ଏହି ଗୀତ ଭାଇରାଲ୍ ହେବାର ମୁଖ୍ୟ କାରଣ ହେଉଛି, ଯେତେବେଳେ ମାତା ପାର୍ବତୀ ଭଗବାନ ଶିବଙ୍କୁ ସ୍ୱାମୀ ଭାବେ ପାଇବା ପାଇଁ ଜିଦ୍ ଧରି କଠୋର ତପସ୍ୟା କରିଥିଲେ, ସେତେବେଳେ ସମସ୍ତ ସପ୍ତ ଋଷି ମିଶି ତାଙ୍କୁ ବୁଝାଇବାକୁ ଚେଷ୍ଟା କରି ଜିଦ୍ ଛାଡ଼ିବାକୁ କହିଥିବା ସମସ୍ତ କଥା ଏଥିରେ ବର୍ଣ୍ଣନା କରାଯାଇଛି । ଏହି ଗୀତରେ ସାଧୁ ତିୱାରୀ କଣ୍ଠଦାନ, ଗୀତର ରଚନା ଏବଂ କମ୍ପୋଜ୍ କରିଛନ୍ତି । ସାମଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ଲୋକେ ଏହି ଗୀତକୁ ନେଇ ରିଲ୍ସ କରୁଛନ୍ତି ।

'ହନୁମାନ ଅଂଶ' ସଫଳତାର ଶିଖରକୁ ଛୁଇଁବାର ଅନ୍ୟତମ କାରଣ ହେଉଛି ଏହାର ଅଭିନୟ ଓ ସଙ୍ଗୀତ । ଏହି ଫିଲ୍ମରେ କଳାକାରଙ୍କ ନିଖୁଣ ଅଭିନୟ ଓ ହୃଦୟସ୍ପର୍ଶୀ ସଙ୍ଗୀତ ସିନେପ୍ରେମୀଙ୍କ ହୃଦୟ ଭିତରେ ଗଭୀର ଛାପ ଛାଡ଼ି ଦେଇଛି । ■



## କେମିତି କଟିବ ସପ୍ତାହ

**ମେଷ** – ରବି, ସୋମ, ମଙ୍ଗଳବାରରେ ସମାଜରେ ସୁଖ, ସମ୍ମାନ ପ୍ରାପ୍ତି ହେବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଉଚ୍ଚ ଅଧିକାରୀଙ୍କ ସହଯୋଗ ପାଇବେ । ବୁଧ, ଗୁରୁବାରରେ ଉତ୍ତେଜନା ପରିସ୍ଥିତି ରହିପାରେ । ଶୁକ୍ର, ଶନିବାରରେ ବ୍ୟବସାୟରେ ଲାଭବାନ ହେବେ । ବନ୍ଧୁବାନ୍ଧବଙ୍କ ଆଗମନ ହୋଇପାରେ ।

**ବୃଷ** – ରବି, ସୋମ, ମଙ୍ଗଳବାରରେ ଭାବିଚିନ୍ତି ପଦକ୍ଷେପ ନିଅନ୍ତୁ । ପାରିବାରିକ ସମ୍ପର୍କକୁ ଗୁରୁତ୍ୱ ଦେବେ । ବୁଧ, ଗୁରୁବାରରେ ଅନ୍ୟକୁ ସାହାଯ୍ୟ କରି ସନ୍ତୋଷ ଅନୁଭବ କରିବେ । ଶୁକ୍ର, ଶନିବାରରେ ସମୟ ଅନୁସାରେ କାର୍ଯ୍ୟ କରନ୍ତୁ । ମନରେ ଥିବା ପ୍ରଶ୍ନର ଉତ୍ତର ପାଇଯିବେ ।

**ମିଥୁନ** – ରବି, ସୋମ, ମଙ୍ଗଳବାରରେ ଅନ୍ୟ ଉପରେ ଅଧିକ ବିଶ୍ୱାସ କରନ୍ତୁ ନାହିଁ । କ୍ୟାରିୟର୍‌ରେ ଉନ୍ନତି ହେବ । ବୁଧ, ଗୁରୁବାରରେ ଆଶା କରୁ ନଥିବା ଦିଗରୁ ଶୁଭ ଖବର ପାଇବେ । ଶୁକ୍ର, ଶନିବାରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ପରିବାର ସହ ଅଧିକ ସମୟ କଟାଇବାକୁ ପସନ୍ଦ କରିବେ ।

**କର୍କଟ** – ରବି, ସୋମ, ମଙ୍ଗଳବାରରେ ସମସ୍ୟାର ସମାଧାନ ବାଟ ଦେଖାଦେବ । ଅର୍ଥନୈତିକ କାରବାରରେ ଅଙ୍କୁଶ ଲଗାନ୍ତୁ । ବୁଧ, ଗୁରୁବାରରେ ବ୍ୟବସାୟରେ ଲାଭବାନ ହେବେ । ଶୁକ୍ର, ଶନିବାରରେ ଜୀବନରେ ନୂତନ ମୋଡ଼ ଆସିପାରେ । ହଜିଯାଇଥିବା ସାମଗ୍ରୀ ଫେରି ପାଇବେ ।

**ସିଂହ** – ରବି, ସୋମ, ମଙ୍ଗଳବାରରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ନିଜ ଲକ୍ଷ୍ୟରେ ଧ୍ୟାନ ରଖନ୍ତୁ । ଆଳସ୍ୟତା ଅନୁଭବ କରିବେ । ବୁଧ, ଗୁରୁବାରରେ ଆଶା କରୁଥିବା ଦିଗରୁ ଲାଭ ପାଇପାରନ୍ତି । ଶୁକ୍ର, ଶନିବାରରେ ନୂତନ ନିଯୁକ୍ତି ଯୋଗ ରହିଛି । ଭବିଷ୍ୟତକୁ ନେଇ ଯୋଜନା ପ୍ରସ୍ତୁତ କରିବେ ।

**କନ୍ୟା** – ରବି, ସୋମ, ମଙ୍ଗଳବାରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । କର୍ମକ୍ଷେତ୍ରରେ ହତୋତ୍ସାହ ହେବେ । ଭ୍ରମଣ ଯୋଗ ରହିଛି । ବୁଧ, ଗୁରୁବାରରେ ପାରିବାରିକ ଜୀବନରେ ସୁଖ, ସନ୍ତୋଷ ପ୍ରାପ୍ତି ହେବ । ଶୁକ୍ର, ଶନିବାରରେ ବ୍ୟବସାୟ ମନ୍ଥର ରହିବ । ଅନ୍ୟ ଉପରେ ଅଧିକ ଭରସା କରନ୍ତୁ ନାହିଁ ।

**ତୁଳା** – ରବି, ସୋମ, ମଙ୍ଗଳବାରରେ ଦୀର୍ଘ ଦିନର ସମସ୍ୟା ଦୂର ହେବ । କର୍ମକ୍ଷେତ୍ରରେ ସଫଳତା ପାଇବେ । ନିଜ ଲକ୍ଷ୍ୟ ପୂରଣ କରି ସନ୍ତୋଷ ଅନୁଭବ କରିବେ । ବୁଧ, ଗୁରୁବାରରେ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବା ଉଚିତ । ଶୁକ୍ର, ଶନିବାରରେ ଉଚିତ ନିଷ୍ପତ୍ତି ନେଇ ଆଗକୁ ବଢ଼ିବେ ।

**ବିଛା** – ରବି, ସୋମ, ମଙ୍ଗଳବାରରେ ଦେହ ଓ ମନ ଭଲ ରହିବ । ଘରକୁ ବନ୍ଧୁବାନ୍ଧବଙ୍କ ଆଗମନ ହୋଇପାରେ । ସାଙ୍ଗସାଥୀଙ୍କ ସହ ଭ୍ରମଣରେ ଯାଇପାରନ୍ତି । ବୁଧ, ଗୁରୁବାରରେ ସାହସିକତାର ପରିଚୟ ଦେବେ । ଶୁକ୍ର, ଶନିବାରରେ ନିଜ ଭାବନା ଉପରେ ନିୟନ୍ତ୍ରଣ ରକ୍ଷା କରନ୍ତୁ । ବିଭିନ୍ନ କ୍ଷେତ୍ରରେ ଲାଭବାନ ହେବେ ।

**ଧନୁ** – ରବି, ସୋମ, ମଙ୍ଗଳବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ । ଅତିଥିଙ୍କ ଆଗମନ ହୋଇପାରେ । ବୁଧ, ଗୁରୁବାରରେ ଶୁଭ ଖବର ପାଇବେ । ଶୁକ୍ର, ଶନିବାରରେ ଆର୍ଥିକ ସ୍ଥିତିରେ ଉନ୍ନତି ହେବ । ନିଜ ବ୍ୟବହାରରେ ସଂଯମତା ରକ୍ଷା କରନ୍ତୁ ।

**ମକର** – ରବି, ସୋମ, ମଙ୍ଗଳବାରରେ ଦ୍ୱନ୍ଦ୍ୱରେ ରହି କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଅଯଥା ଖର୍ଚ୍ଚରେ ପଡ଼ିପାରନ୍ତି । ପାରିବାରିକ ସମସ୍ୟା ବଢ଼ିଯାଇପାରେ । ବୁଧ, ଗୁରୁବାରରେ ନିଜର ସ୍ୱାଧୀନତା ପାଇଁ ଲଢ଼ିବେ । ଶୁକ୍ର, ଶନିବାରରେ ପ୍ରେମ ଓ ଦାମ୍ପତ୍ୟ ଜୀବନ ସୁଖମୟ ରହିବ ।

**କୁମ୍ଭ** – ରବି, ସୋମ, ମଙ୍ଗଳବାରରେ ଦେହ ଓ ମନ ଭଲ ରହିବ । ସଫଳତା ପାଇବେ । ଯୋଜନା କରି ଆଗକୁ ବଢ଼ନ୍ତୁ । ବୁଧ, ଗୁରୁବାରରେ ସମସ୍ୟାରୁ ମୁକ୍ତି ପାଇବେ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ । ଅପେକ୍ଷା କରିଥିବା ସାଥୀ ଜୀବନରେ ଆସି ପାରନ୍ତି ।

**ମୀନ** – ରବି, ସୋମ, ମଙ୍ଗଳବାରରେ ସୃଜନଶୀଳତାର ପରିଚୟ ଦେବେ । କର୍ମକ୍ଷେତ୍ରରେ ଆଗୁଆ ରହିବେ । ସନ୍ତାନସନ୍ତତି ଉନ୍ନତି କରିବେ । ବୁଧ, ଗୁରୁବାରରେ ନୂତନ ନିବେଶରୁ ନିବୃତ୍ତ ରୁହନ୍ତୁ । ଶୁକ୍ର, ଶନିବାରରେ ବ୍ୟବସାୟରେ ଲାଭବାନ ହେବେ । ଅକସ୍ମାତ୍ ହଜିଯାଇଥିବା ଦ୍ରବ୍ୟ ପାଇବେ । ■